

# କଟକ ସିଟି

## ସତ୍ୟଭାମାପୁର କ୍ୟାମ୍ପସରେ ଚାରାରୋପଣ



**କଟକ,୩୧।୧(ସମିସ):** ସହିଦ୍ ଦିବସ ଅବସରରେ ଆୟକର ବିଭାଗ ଭୁବନେଶ୍ୱର, ନବଜ୍ୟୋତି କଲେଜ ଓ ଯଶୋଦା ମାଆ ଫାଉଣ୍ଡେସନର ମିଳିତ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ସତ୍ୟଭାମାପୁର କ୍ୟାମ୍ପସରେ ବିଭିନ୍ନ ପ୍ରକାର ଫଳଗଛ ରୋପଣ କରାଯାଇଥିଲା। କଲେଜର ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ସେମାନଙ୍କୁ ଗଛ ମଣିଷ ବିଜୟ ଜେନା ବୃକ୍ଷ ଓ ପରିବେଶର ମହତ୍ତ୍ୱ ସଂପର୍କରେ ବୁଝାଇଥିଲେ।

## ରେଭେନ୍ସା କଲିଜିଏଟ୍ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା



**କଟକ,୩୧।୧(ସମିସ):** ରେଭେନ୍ସା କଲିଜିଏଟ ସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ବୈଲୋଚନ ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ନନ୍ଦନ ମହାନ୍ତି, ବିଶ୍ୱନାଥ ମିଶ୍ର, ସଙ୍ଘମିତ୍ରା ପଟ୍ଟନାୟକ, ପରେଶ୍ ମଲ୍ଲ, ଦିଲୀପ ଜେନା, ଡ଼ ପୁଷ୍ପାଞ୍ଜଳୀ ବେହେରା, ମଧୁସ୍ମିତା ମହାନ୍ତି, ସନ୍ତୋଷ କୁମାର ସ୍ୱାଇଁ, ପ୍ରଣବ ବେହେରା, କଳ୍ପନା ବ୍ରହ୍ମ, ଜ୍ଞାନ ରଞ୍ଜନ ଧଳ ପ୍ରମୁଖ ଶ୍ରୀ ସାହୁଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ସାହୁଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ପ୍ରଧାନଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଦିଲୀପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**କଟକ,୩୧।୧(ସମିସ):** କଟକ ନଗର ଯୁବ କଂଗ୍ରେସ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ୭୬ ତମ ସହିଦ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇବାକୁ କଟକ ଟାଉନ ହଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଲବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିରକୁ ଅଖିଳ ଭାରତୀୟ କଂଗ୍ରେସ କମିଟିର ଓଡିଶା ପାଇଁ ନିଯୁକ୍ତ ସହପ୍ରଭାରୀ ଶ୍ରୀ ସାହାନବାଜ ଚୌଧୁରୀ ଉଦଘାଟନ କରିଥିଲେ। କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, କଟକ ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, କଂଗ୍ରେସ ନେତା ଶିଶିର ରଥ, ଆଲୋକ ନନ୍ଦ, ଜିନେଶ ଦାସ, ମନୋଜ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପରିଡା, ସତ୍ୟଜିତ ସେଠୀ, ରାଜକିଶନ ସ୍ୱାଇଁ, ରାଜେଶ ସ୍ୱାଇଁ, ଦୀପକ ସାହୁ, ରାମ ଗୋଛାୟତ, ସଚ୍ଚିଦାନନ୍ଦ ରାଉତ, କାଳନ୍ଦୀ ଖୁଣ୍ଟିଆ, ଅଭିଜିତ ଦାସ, ସମରେନ୍ଦ୍ର ହାତୀ, ଅଜୟ ଦାସ, ଅମିତ ସାହୁ, ଶ୍ୟାମସୁନ୍ଦର ଶର୍ମା, ରାମକୃଷ୍ଣ ବରାଳ, ଅଂଶୁମାନ ପ୍ରଧାନ, ଖୁଶବୁ ଗୁପ୍ତା, ସତ୍ୟ ସ୍ୱରୂପ ଦତ୍ତ, ଇମ୍ରାନ ଖାନ, ଅର୍ଣ୍ଣବ, ଅବିନାଶ ଜେନା, ଦେବସ୍ମିତା ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିବିରରୁ ୧୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**● ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

**କଟକ,୩୧।୧(ସମିସ):** ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଚୌଦ୍ୱାର ଥାନା ଅଞ୍ଚଳର ସାଗର ସୋରେନ ଓରଫ ବାଙ୍କା (୨୪)କୁ ପୋକସୋ ଆଇନର ଧାରା ୬ରେ ୨୦ ବର୍ଷ ସଶ୍ରମ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି କଟକ ଆଡ୍-ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର ଅଦାଲତ। ବିଚାରପତି ପ୍ରଶାନ୍ତ କୁମାର ଦାସ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତଙ୍କ ରାୟରେ ଉଲ୍ଲେଖ କରାଯାଇଛି। ଅନ୍ୟପଟରେ ପୀଡିତା ନାବାଳିକାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ସେପ୍ଟେମ୍ବର ୩ରେ ଜନୈକା ୧୬ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଜଣକ କେନ୍ଦ୍ରାପଡ଼ା ନେଇଯାଇଥିଲା । ସେଠାରେ ପୀଡିତାଙ୍କୁ ଏକ ଭଡ଼ା ଘରେ ରଖି ଅଭିଯୁକ୍ତ ସାଗର ବାରମ୍ବାର ଦୁଷ୍କର୍ମ କରିଥିଲା। ଏପରିକି ଅଭିଯୁକ୍ତ ସାଗର ବିବାହିତ ହୋଇଥିଲେ ମଧ୍ୟ ଏହା ପୀଡ଼ିତାଙ୍କୁ ଲୁଚାଇଥିଲା । ପୀଡିତାଙ୍କ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ତାଙ୍କୁ ନପାଇବାରୁ ୨୦୨୧ସେପ୍ଟେମ୍ବର ୬ରେ ପୀଡ଼ିତାଙ୍କ ପିତା ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଏକ ସପ୍ତାହ ଭିତରେ କେନ୍ଦ୍ରାପଡ଼ା ଅଞ୍ଚଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ଏଥିସହିତ ସାଗରକୁ ଗିରଫ କରିଥିଲା। ସବ୍-ଇନ୍ସପେକ୍ଟର ତପସ୍ୱିନୀ କାନୁନଗୋ ମାମଲାର ତଦନ୍ତ କରି ଆଇପିସିର ଦଫା ୩୭୬ ଓ ପୋକସୋ ଆଇନର ଧାରା ୬ରେ ସାଗର ବିରୋଧରେ ଅଦାଲତରେ .ର୍ଜସିଟ ଦାଖଲ କରିଥିଲେ। ଅଦାଲତରେ ମାମଲାର ଶୁଣାଣି ସମୟରେ ପ୍ରସିକ୍ୟୁସନ୍ ତରଫରୁ ୧୬ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ବିଶ୍ୱଜିତ ରାୟ ମାମଲା ପରି.ଳନା କରୁଥିଲେ।

**ବିଏସ୍‌କେୱାଇର ନୂଆ ଗାଇଡଲାଇନ୍**

# କଟିବ ଅନୁବନ୍ଧନ; ଚିନ୍ତାରେ ନର୍ସିଂହୋମ କର୍ତ୍ତୃପକ୍ଷ

**କଟକ,୩୧।୧(ସମିସ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ)ର ସଫଳ ରୂପାୟନ ଦ୍ୱାରା ଅନେକ ଗରିବ ରୋଗୀ ଉପକୃତ ହେଉଛନ୍ତି। ବିଏସ୍‌କେୱାଇ କାର୍ଡ ହିତାଧିକାରୀଙ୍କୁ ନିଃଶୁଳ୍କରେ ଘରୋଇ ହସ୍ପିଟାଲରେ ଉନ୍ନତ ଚିକିତ୍ସା ମିଳିପାରୁଛି। କିନ୍ତୁ ଅପରପଟେ କିଛି ନର୍ସିଂହୋମ ଏହି ଯୋଜନା ମାଧ୍ୟମରେ ଲୁଟ୍ କରିବାକୁ ଉଦ୍ୟମ ଚଳାଉଛନ୍ତି। ଏଭଳି ଘଟଣା ଅନେକ ସମୟରେ ସ୍ୱାସ୍ଥ୍ୟ ବିଭାଗର ନଜରକୁ ମଧ୍ୟ ଆସିଛି। ଏଣୁ ରାଜ୍ୟ ସରକାର ବିଏସ୍‌କେୱାଇ ଗାଇଡଲାଇନ୍‌ରେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି। ଯାହାକି ଅନେକ ନର୍ସିଂହୋମ କର୍ତ୍ତୃପକ୍ଷଙ୍କୁ ଏବେ ଚିନ୍ତାରେ ପକାଇଛି। ନର୍ସିଂହୋମରେ ଆଇସିୟୁ ବ୍ୟବସ୍ଥା ନ ଥିଲେ ବିଏସ୍‌କେୱାଇ ଅନୁବନ୍ଧନ କଟିଯିବ ବୋଲି ଗାଇଡଲାଇନ୍ ଜାରି ହୋଇଛି। ତେବେ ଉକ୍ତ ଗାଇଡଲାଇନ୍ ପୂରଣ କରିବା ଘରୋଇ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ପକ୍ଷରେ କଷ୍ଟକର। ଏଣୁ କଟକ ସହରର ଶତାଧିକ ନର୍ସିଂହୋମ ଏବେ ବିଏସ୍‌କେୱାଇ ଅନୁବନ୍ଧନ ତାଲିକାରୁ ବାଦ୍ ପଡ଼ିପାରନ୍ତି।

ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଏହି

- **ଆଇସିୟୁ ବ୍ୟବସ୍ଥା ବାଧ୍ୟତାମୂଳକ କଲେ ସରକାର**
- **ତାଲିକାରୁ ହଟିପାରେ ସହରର ଶତାଧିକ ନର୍ସିଂହୋମ୍**
- **ଘରୋଇ ହସ୍ପିଟାଲ ସଂଘର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି**

ଯୋଜନା ବଳରେ ଗରିବ ରୋଗୀ ବିନା ଖର୍ଚ୍ଚରେ ଅନେକ ଜଟିଳ ରୋଗରୁ ଆରୋଗ୍ୟ ଲାଭ କରୁଛନ୍ତି। ସହରର ପ୍ରାୟତଃ ୯୦ ପ୍ରତିଶତ ଘରୋଇ ନର୍ସିଂହୋମ ବିଏସ୍‌କେୱାଇ ତାଲିକାଭୁକ୍ତ ହୋଇଛି। ବିଏସ୍‌କେୱାଇ ସ୍ମାର୍ଟକାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ନର୍ସିଂହୋମରେ ନିଃଶୁଳ୍କରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଉଛନ୍ତି। କିନ୍ତୁ ନିକଟ ଅତୀତରେ ଜାରି ହୋଇଥିବା ଏକ ନୂଆ ଗାଇଡଲାଇନ୍ ଘରୋଇ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। ପରିବର୍ତ୍ତିତ ଗାଇଡଲାଇନ ଅନୁସାରେ, ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଗୁଡିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଯେପରିକି ୟୁରୋ ସର୍ଜରୀ, ନ୍ୟୁରୋସର୍ଜରୀ, ପେଡିଆଟ୍ରିକ ସର୍ଜରୀ ଏବଂ ପ୍ଲାଷ୍ଟିକ ସର୍ଜରୀ ଭଳି ଅନେକ ଜଟିଳ ଚିକିତ୍ସା। ବିଏସ୍‌କେୱାଇ ଅନୁବନ୍ଧିତ ହସ୍ପିଟାଲ ଗୁଡିକରେ ଏଭଳି ସବୁ ସର୍ଜରୀ କରାଯାଉଥିବା ବାଧ୍ୟତାମୂଳକ। ତେବେ ଏହି ସବୁ ଜଟିଳ ଅସ୍ତ୍ରୋପଚାର ଯେଉଁଠାରେ ହେବ, ସେଠାରେ ଆଇସିୟୁ ବ୍ୟବସ୍ଥା ରହିଥିବା ଦରକାର। କିନ୍ତୁ ମୁଖ୍ୟ ପ୍ରସଙ୍ଗ ଏହା ଯେ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ ନ ଥିଲେ ଆଇସିୟୁ ବ୍ୟବସ୍ଥା ହୋଇପାରିବ ନାହିଁ। ଅଗ୍ନି ନିରାପତ୍ତା ସାର୍ଟିଫିକେଟ ସହରର ଶତାଧିକ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ନିକଟରେ ନାହିଁ। ସମସ୍ତ ନିୟମକୁ ପୂରଣ କରି ଅଗ୍ନି ନିରାପତ୍ତା ସାର୍ଟିଫିକେଟ ହାସଲ କରିବା ବି କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ପାଠ। ଏଣୁ ବିଏସ୍‌କେୱାଇର ନୂଆ ନିୟମ ଦ୍ୱାରା ଅନେକ ନର୍ସିଂହୋମ ଏବେ ଅନୁବନ୍ଧନ ହରାଇ ପାରନ୍ତି।

ରାଜ୍ୟ ଘରୋଇ ହସ୍ପିଟାଲ ସଂଘ ପକ୍ଷରୁ ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ଚିଠି ଲେଖାଯାଇଛି। କିଛି ଦିନ ପୂର୍ବେ ସଂଘର ଏକ ବୈଠକ ମଧ୍ୟ କଟକରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କୁହାଯାଇଥିଲା ଯେ, ୟୁରୋ ସର୍ଜରୀ, ନ୍ୟୁରୋସର୍ଜରୀ, ପେଡିଆଟ୍ରିକ ସର୍ଜରୀ ଏବଂ ପ୍ଲାଷ୍ଟିକ ସର୍ଜରୀ ଭଳି ଜଟିଳ ଚିକିତ୍ସା ବ୍ୟତୀତ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇ ରାଜ୍ୟର ବିଭିନ୍ନ ପ୍ରାନ୍ତର ଗରିବ ରୋଗୀମାନେ କଟକ ଆସୁଛନ୍ତି। ବିଏସ୍‌କେୱାଇ ଅନୁବନ୍ଧିତ ନର୍ସିଂହୋମରେ ଭର୍ତ୍ତି ହେବା ସହ ସୁସ୍ଥ ହୋଇ ଫେରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ ଯୋଜନାର ଏକ ସଫଳ ଦିଗ। କିନ୍ତୁ ଗାଇଡଲାଇନ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଗଲେ କେବଳ ନାମିଦାମୀ ଘରୋଇ ହସ୍ପିଟାଲ ଗୁଡିକ ସୁଫଳ ପାଇବେ। ସହରର ଅନେକ ନର୍ସିହୋମରେ ଆଉ ରୋଗୀଙ୍କୁ ମାଗଣାରେ ଚିକିତ୍ସା ମିଳିପାରିବ ନାହିଁ। ଏ ଦିଗରେ ପୁନଃବିଚାର କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ସିଏମ୍‌ସି ପକ୍ଷରୁ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ପ୍ରଦର୍ଶନୀ



**କଟକ,୩୧।୧(ସମିସ)**

କଟକ ମହାନଗର ନିଗମ(ସିଏମସି) ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ୨୫ ତାରିଖ ଓ ୨୯ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟସ୍ତରୀୟ ଅଗ୍ନି ନିରାପତ୍ତା ପ୍ରଦର୍ଶନୀ କାର୍ଯ୍ୟକ୍ରମ ୪ଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ, ନିମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ରଘୁନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏମସି ଡେପୁଟି କମିଶନର ସୁକାନ୍ତ କୁମାର ବେଉରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସିଏମସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଏହି ଅଗ୍ନି ନିରାପତ୍ତା ପ୍ରଦର୍ଶନୀର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଅଗ୍ନି ନିରାପତ୍ତା ବିଷୟରେ ଜଣାଇବା ସହ ବିଦ୍ୟାଳୟ ସୁରକ୍ଷା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ

**କଟକ,୩୧।୧(ସମିସ)**

ମହାନଗର ନିଗମ ଅନ୍ତର୍ଗତ ୨୦ନଂ ୱାର୍ଡ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ବୈଠକ ମେୟରଙ୍କ ଗଡଖାଇସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂଙ୍କ ୨୦ ନମ୍ବର ୱାର୍ଡର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାଙ୍କ ଅଭିଯୋଗ ଶୁଣିଥିଲେ। ଏହି ବୈଠକରେ ୨୨ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠିରୁ ପ୍ରାୟ ୧୫୫ ଜଣ ମହିଳା ଉପସ୍ଥିତ ଥିଲେ। ମେୟର ଶ୍ରୀ ସିଂ ରାଜ୍ୟ ସରକାରଙ୍କର ମହିଳା ସ୍ୱୟଂ ସହାୟକ ଗୋଷ୍ଠି ପାଇଁ ଚାଲୁଥିବା ବିଭିନ୍ନ ଯୋଜନା ବିଷୟରେ ମହିଳାଙ୍କୁ ଅବଗତ କରାଇଥିଲେ। ମହିଳାମାନେ କିପରି ଆତ୍ମନିର୍ଭର ହୋଇପାରିବେ ସେ ବିଷୟରେ ପ୍ରକାଶ କରିଥିଲେ। ଜଗନ୍ନାଥ ସ୍ୱାଇଁ, ନରେନ୍ଦ୍ର ସେଠୀ, ସକିଲ୍ ଅଖତାର, ଜନ ଆଶିଷ ବରାଳ, ଦେବେନ୍ଦ୍ର ପାଣିଗ୍ରାହୀ, କାଳୀଚରଣ ପାଣିଗ୍ରାହୀ, ବିନୋଦ ପଣ୍ଡା, ବାବୁ ବିଶୋଇ, ସୌମେନ୍ଦ୍ର ସାହୁ, ସୟିଦ ଶେଖାୱତ୍ ଅଲି, ମିହିର ରଞ୍ଜନ ସାହୁ, ଲୋକନାଥ ସାହୁ, ଅବିନାଶ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।



**● ହାଇକୋର୍ଟରେ ବାରବାଟୀ-କଟକ ନିର୍ବାଚନ ମାମଲା**

## ସରିଲା ଯୁକ୍ତି ଉପସ୍ଥାପନ, ୭ରେ ଦାଖଲ ହେବ ଲିଖିତ ଯୁକ୍ତି

**କଟକ,୩୧।୧(ସମିସ):**୨୦୧୯ ମସିହା ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଖୁବଶୀଘ୍ର ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି । ଦୀର୍ଘ ୪ବର୍ଷରୁ ଅଧିକ ସମୟ ଧରି ହାଇକୋର୍ଟରେ ଚାଲିଆସିଥିବା ଏହି ମାମଲାରେ ଆଜି ଯୁକ୍ତି ଉପସ୍ଥାପନ ପ୍ରକ୍ରିୟା ଶେଷ ହୋଇଛି । ଏଣୁ ଉଭୟ ଆବେଦନକାରୀ ଓ ପ୍ରତିପକ୍ଷ ଆସନ୍ତା ୭ତାରିଖ ଦିନ ଅଦାଲତରେ ସେମାନଙ୍କ ଲିଖିତ ଯୁକ୍ତି ଦାଖଲ କରିବେ ବୋଲି ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି । ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଲିଖିତ ଯୁକ୍ତିକୁ ଉଭୟ ପକ୍ଷ ମଧ୍ୟ ପରସ୍ପର ମଧ୍ୟରେ ହସ୍ତାନ୍ତର କରିବେ । ଲିଖିତ ଯୁକ୍ତି ଦାଖଲ ହେବା ପରେ ସମ୍ଭବତଃ ଦୁଇ ତିନି ସପ୍ତାହ ମଧ୍ୟରେ ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି । ଏହି ମାମଲାରେ ପ୍ରଥମେ ପ୍ରତିପକ୍ଷ ବିଧାୟକ ଙ୍କ ମୋକିମ୍‌ଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ହୋଇଥିଲା । ପରେ ଆବେଦନକାରୀ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଚାଲିଥିଲା । ଆବେଦନକାରୀଙ୍କ ଯୁକ୍ତି ଉପସ୍ଥାପନ ଶେଷ ପରେ ପୁନଶ୍ଚ ପ୍ରତିପକ୍ଷଙ୍କୁ ତାହା ଉପରେ ଜବାବ ରଖିବାକୁ ସୁଯୋଗ ମିଳିଥିଲା । ଆଜି ଏହି ପ୍ରକ୍ରିୟା ଶେଷ ହୋଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୭ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି । ଆବେଦନକାରୀ ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ,ଗୋପାଳ ଅଗ୍ରୱାଲ ଓ ପ୍ରତିପକ୍ଷ ବିଧାୟକ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ପ୍ରଧାନ ମାମଲା ପରିଚାଳନା କରୁଛନ୍ତି । ମାମଲାରୁ ପ୍ରକାଶ ଯେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ ବେଳେ ମୋକିମ ଦାଖଲ କରିଥିବା ସତ୍ୟପାଠରେ ବହୁ ତଥ୍ୟ ଲୁଚାଇଥିବାରୁ ତାଙ୍କ ସଭ୍ୟ ପଦ୍ଧ ରଦ୍ଦ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପରାଜିତ ପ୍ରାର୍ଥୀ ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟ ।

## ଟାଙ୍ଗୀ ବିଦ୍ୟାପୀଠ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**କଟକ,୩୧।୧(ସମିସ):** ଟାଙ୍ଗୀ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାପୀଠର ପ୍ରତିଷ୍ଠାତା ମହାନ୍ ଦେଶସେବକ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଓ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଭଗବାନ ରଥଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ , ମୁଖ୍ୟବକ୍ତା ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ ଯୋଗଦେଇଥିଲେ। 'ଧନେଶ୍ୱର ରଥ ସ୍ମୃତି ପାଣ୍ଠି' ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମହେନ୍ଦ୍ର କୁମାର ଘଡେଇ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥ ସ୍ୱାଗତ ଅଭିଭାଷଣ ଏବଂ ଲୋପିତା ପ୍ରିୟଦର୍ଶିନୀ ମିଶ୍ର, ମଧୁସ୍ମିତା ପ୍ରଧାନ, ଦେବିକାରାଣୀ ଚୌଧୁରୀ, ଭରତ ପରିଡା, ଦୟାନିଧି ସାହୁଙ୍କ ସମେତ ଅନ୍ୟ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନା କରିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ୮୪ ମଣ୍ଡଳୀର ନୂତନ ଗୃହ ଉଦ୍‌ଘାଟିତ

**କଟକ,୩୧।୧(ସମିସ):** କଟକ ଜିଲ୍ଲାର ଅଗ୍ରଣୀ ଦଳିତ ଅନୁଷ୍ଠାନ ୮୪ ମଣ୍ଡଳୀ ମେହେନ୍ତର ସମିତିର ନୂତନ ଭାବେ ନିର୍ମିତ ହୋଇଥିବା କାର୍ଯ୍ୟାଳୟର ଉଦଘାଟନ ଉତ୍ସବ କଟକ ସହରସ୍ଥିତ ଥୋରିଆ ସାହି ଠାରେ ଅନୁଷ୍ଠିତ ହୋଇଯାଇଛି। ୮୪ ମଣ୍ଡଳୀ ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ବାରବାଟି ବିଧାୟକ ଇ. ମହମ୍ମଦ ମୋକିମ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ସ୍ଥାନୀୟ କର୍ପୋରେଟର କେ କେ ଆଫ୍ରିନ, ବିଜେପି ନାରୀ ନେତ୍ରୀ ସ୍ମୃତି ପଟ୍ଟନାୟକ ଓ ଯୁବ ସମାଜସେବୀ ସୁବାଷ ଚନ୍ଦ୍ର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ନୂତନ ଗୃହକୁ ଉଦଘାଟନ କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ମୁରବି ହରିବନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଣ୍ଡଳୀର ଉପସଭାପତି ରାମଚନ୍ଦ୍ର ନାୟକ, ସୁରେନ ନାୟକ, ପିଣ୍ଟୁ ମାହାର, ପ୍ରଶାନ୍ତ ନାୟକ, ଚିତ୍ତରଞ୍ଜନ ନାୟକ, ସିଦ୍ଧାନ୍ତ ନାୟକ, ଉମେଶ ଗୋଛାୟତ ପ୍ରମୁଖ କର୍ମକର୍ତ୍ତା ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସଭାପତି ରତ୍ନାକର ମୁଖି ଧନ୍ୟବାଦ ଅର୍ପଣ କରିଥିଲେ।

**● ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗ**

# ପ୍ରତିଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୩୧।୧(ସମିସ)**



ପୀଡିତା କ୍ଷତିପୂରଣ ପ୍ରସଂଗକୁ ନେଇ ଦାୟର ମାମଲାରେ ଆବେଦନକାରୀ ଅନୁଷ୍ଠାନ ବଚପନ୍ ବଚାଓ ଆନ୍ଦୋଳନକୁ ପ୍ରତିଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୨, ସେପ୍ଟେମ୍ବର ୨୬ରେ ରାଜ୍ୟ ଗୃହ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ତରଫରୁ ଏହି ମାମଲାରେ ଜବାବ ଦାଖଲ ହୋଇଥିଲା। ଏହା ଉପରେ କିନ୍ତୁ ଆବେଦନକାରୀ କିଛି ପ୍ରତି ଜବାବ ରଖି ନ ଥିଲେ। ପ୍ରତି ଜବାବ ଦାଖଲ ପାଇଁ ଆବେଦନକାରୀଙ୍କ ତରଫରୁ ସମୟ ଲୋଡ଼ା ଯାଇଥିଲା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ପ୍ରକାଶ ଯେ ଦୁଷ୍କର୍ମର ଶିକାର ଜନୈକା ନାବାଳିକା ପୀଡିତାକୁ ଉପଯୁକ୍ତ କ୍ଷତିପୂରଣ ପ୍ରସଂଗ ନେଇ ବଚପନ୍ ବଚାଓ ଆନ୍ଦୋଳନ ପକ୍ଷରୁ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଜଣେ ପୀଡିତା ଯଦି ଅନ୍ୟ କୌଣସି ଆଇନ ଅନୁସାରେ କ୍ଷତିପୂରଣ ପାଇଥାନ୍ତି ତେବେ ରାଜ୍ୟ ସରକାରଙ୍କ ପୀଡିତା କ୍ଷତିପୂରଣ ଯୋଜନା (ଭିକ୍ଟିମ କମ୍ପେନସେସନ୍ ସ୍କିମ୍)ରେ ତାଙ୍କୁ ଆଉ କ୍ଷତିପୂରଣ ମିଳିବ ନାହିଁ ବୋଲି ନିୟମ ରହିଥିଲା। ପୀଡିତା ଜଣକ ଅନୁସୂଚିତ ଜାତି/ଜନଜାତି ବର୍ଗର ହୋଇଥିବାରୁ ତାଙ୍କୁ ସଂପୃକ୍ତ ନିୟମ ଅନୁସାରେ କ୍ଷତିପୂରଣ ମିଳିବ କିନ୍ତୁ ପୀଡିତା କ୍ଷତିପୂରଣ ଯୋଜନା ଅନୁସାରେ ସେ ଆଉ କ୍ଷତିପୂରଣ ପାଇ ପାରିବେ ନାହିଁ ବୋଲି କୁହାଯାଇଥିଲା। ଏଭଳି ସ୍ଥିତିରେ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ବଚପନ୍ ବଚାଓ ଆନ୍ଦୋଳନ ପକ୍ଷରୁ ଏହି ମାମଲା ଦାୟର କରାଯାଇଥିଲା। ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ଫେବ୍ରୁଆରି ୨୩ରେ ଏସସି/ଏସଟି ଆଇନ ଅନୁସାରେ ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।





# କଟକ ସିଟି

## ଜିଲ୍ଲାରେ ପ୍ରାଣୀ ଚିକିତ୍ସା ବିପର୍ଯ୍ୟସ୍ତ

# ୩୦ରୁ ଅଧିକ ଡାକ୍ତର ପଦ ଖାଲି

କଟକ, ୩୧ ।୧(ସମିସ)

କଟକ ଜିଲ୍ଲାରେ ପ୍ରାଣୀଧନ ଚିକିତ୍ସା ବ୍ୟବସ୍ଥା ଏ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏହି ସ୍ଥିତିକୁ ଆହୁରି ସଂଗୀନ କରିଛି ପ୍ରାଣୀ ଚିକିତ୍ସକ ମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ । ବିଭିନ୍ନ ଦାବିରେ ରାଜ୍ୟ ପ୍ରାଣୀ ଚିକିତ୍ସକ ସଂଘର ଡାକରାରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଡାକ୍ତର ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଏହାକୁ ନେଇ ପ୍ରାଣୀପାଳକ ମାନଙ୍କ ଚିନ୍ତା ବଢ଼ିଯାଇଛି । ଡାକ୍ତର ନଥିବାରୁ ଗୁରୁତର ଥିବା ପ୍ରାଣୀଙ୍କ ଚିକିତ୍ସା ଭାର ଏଲଆଇ ମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ହେଲେ ବହୁ ଜଟୀଳ ଅସ୍ତ୍ରୋପଚାର ଗୁଡିକ ସମ୍ଭବ ହୋଇପାରୁନାହିଁ । ଫଳରେ ଜିଲ୍ଲାରେ ପ୍ରାଣୀଧନ ବିପଦରେ ପଡ଼ିଥିବାର ପରିଲକ୍ଷିତ ହୋଇଛି । ଏଲଆଇ ମାନେ ଏହି ପରିସ୍ଥିତିକୁ ମୁକାବିଲା କରିପାରୁନଥିବା ବେଳେ ଡାକ୍ତରଙ୍କ ଅନୁପସ୍ଥିତି




ଜଟୀଳ ସମସ୍ୟା ସୃଷ୍ଟି କରିଛି । ସେହିପରି ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବେସରକାରୀ ଅବା ଅବସରପ୍ରାପ୍ତ ଡାକ୍ତରଙ୍କ ଉପରେ ନିର୍ଭର କରିବାକୁ ପଡୁଛି । କଟକ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏହି ଜିଲ୍ଲାର ଅଧିକାଂଶ ଗୋପାଳକଙ୍କୁ ଏକ ପ୍ରମୁଖ ଜୀବିକା ଭାବେ ଗ୍ରହଣ କରିଛନ୍ତି । କିନ୍ତୁ ଅନେକ ସ୍ଥାନରେ ପ୍ରାଣୀ ଚିକିତ୍ସାଳୟ ଗୁଡିକର ବିପର୍ଯ୍ୟସ୍ତ ଅବସ୍ଥା ତଥା ଭିତ୍ତିଭୂମି ଅଭାବ ପରିଲକ୍ଷିତ ହୋଇଛି । ସେହିପରି ଜିଲ୍ଲାର ମୋଟ ୧୪ଗୋଟି ବ୍ଲକ ସମେତ ସହରାଞ୍ଚଳ ଗୁଡିକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଅଧିନରେ ରହିଥିବା ଚିକିତ୍ସାଳୟ ଗୁଡିକରେ ମୋଟ ୮୮ଟି ଡାକ୍ତର ପଦବୀ ରହିଛି । ବିଭିନ୍ନ ବ୍ଲକରେ ବିଭିଓ ଓ ଭିଏଏସ ମାନେ କାର୍ଯ୍ୟ କରୁଥିବା ବେଳେ ଏବେ ବି ୩୦ରୁ ଅଧିକ ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି । ଜିଲ୍ଲାରେ ସିଡିଭିଓଙ୍କ ଅଧିନରେ ବର୍ତ୍ତମାନ କାର୍ଯ୍ୟରତ ୫୫ଜଣ ଡାକ୍ତର କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବା ଜଣାପଡ଼ିଛି । ସମସ୍ତ ପ୍ରାଣୀଚିକିତ୍ସାଳୟର ରୂପାନ୍ତରୀକରଣ, ସମୟ ଭିତ୍ତିକ ପଦୋନ୍ନତି, ପର୍ଯ୍ୟାପ୍ତ ଔଷଧ ଓ ଆବଶ୍ୟକ ଯନ୍ତ୍ରପାତି ଉପଲବ୍ଧ କରିବା ସହ ସପ୍ତମ ବେତନ କମିସନ ଆଧାରରେ ଦରମା ପ୍ରଦାନ ଆଦି ଦାବିରେ ଏହି ଆନ୍ଦୋଳନ ଗତ ୧୩ଦିନ ଧରି ଚଳାଇଆସିଛନ୍ତି ।

## ଦାୟିତ୍ୱ ନେଲେ ସିଏମ୍‌ସିର ନୂଆ କମିସନର



କଟକ, ୩୧।୧(ସମିସ): କଟକ ମହାନଗର ନିଗମର ନୂତନ କମିଶନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ୨୦୧୪ ବ୍ୟାଚର ଆଇଏଏସ ଅଧିକାରୀ ସିଦ୍ଧାର୍ଥ ବିଦାୟୀ କମିଶନର ନିଖିଲ ପୱନ କଲ୍ୟାଣଙ୍କଠାରୁ ଦାୟିତ୍ୱ ନେଇଥିଲେ । ନିଗମର ନୂତନ କମିଶନର ସିଦ୍ଧାର୍ଥ ପୂର୍ବରୁ ଅନୁଗୁଳ ଜିଲ୍ଲାପାଳ କାର୍ଯ୍ୟ କରୁଥିଲେ । କଟକ ସହରରେ ସ୍ୱଚ୍ଛତା ଦିଗରେ ଅଧିକ କାର୍ଯ୍ୟ ସହ କଟକକୁ ଏକ ସୁନ୍ଦର ସହରରେ ପରିଣତ କରିବା ପାଇଁ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି । କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ । ସହରରେ ଚାଲିଥିବା ବହୁ ଉନ୍ନୟନ ପ୍ରକଳ୍ପ ଉପରେ ବିଶେଷ ଧ୍ୟାନ ଦେବି ବୋଲି ସେ ଦାୟିତ୍ୱ ଗ୍ରହଣ ଅବସରରେ ପ୍ରକାଶ କରିଛନ୍ତି । ଏଥିସହ କଟକବାସୀଙ୍କୁ ସହଯୋଗ ପାଇଁ ସେ ନିବେଦନ କରିଛନ୍ତି ।

# ଗାନ୍ଧୀ ସ୍ମୃତିପୀଠରେ ପଲ୍ଲିଶ୍ରୀ ମେଳା




କଟକ, ୩୧।୧(ସମିସ): ୩୧ ଜାନୁଆରୀରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ପରିସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପଲିଶ୍ରୀ ମେଳାର ଆୟୋଜନ କରାଯାଇଛି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଗ୍ରାମାଞ୍ଚଳମାନଙ୍କର ସାମଗ୍ରୀ ଏହି ମେଳାରେ ବିକ୍ରୟ କରାଯିବା ସହ ସ୍ଥାନୀୟ ଲୋକଙ୍କର ଆର୍ଥିକ କାରବାର ମଧ୍ୟ ବୃଦ୍ଧି ପାଇବା ଆଶା ନେଇ କଟକ ସଦର ବିଧାୟକ ଶ୍ରୀ ଚନ୍ଦ୍ର ସାରଥୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଉଦ୍ୟମରେ ଏହି ମେଳା ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟାଳୟ ସହଭାଗିତାରେ ଅନୁଷ୍ଠିତ ହେଉଛି । ଆଜି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ବିଧାୟକ ଶ୍ରୀ ବେହେରା ଏବଂ ବରେଣ୍ୟ ଅତିଥିଙ୍କ ସହ ସ୍ମୃତିପୀଠରେ ଅବସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏହି ମେଳାର ଶୁଭାରମ୍ଭ କରିଥିଲେ । ଏହି ଶୁଭାରମ୍ଭ ପରିଦର୍ଶନରେ ନିଜର ଖୁସିବ୍ୟକ୍ତ କରି ସ୍ମୃତିପୀଠରେ ଏଭଳି କାର୍ଯ୍ୟକ୍ରମକୁ ଆଗକୁ ନେବାପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ଆଗାମୀ ଦିନରେ ଏଠାରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ହାତକୁ ନିଆଯିବ । ଆଜିର ଏହି ଶୁଭାରମ୍ଭ ଅବସରରେ ଜିଲ୍ଲା ପରିଷଦ ଉପସଭାପତି, ସୁଭଦ୍ରା ଦାସ, ସ୍ମୃତି ସଂସଦ ବରିଷ୍ଠ ସଭ୍ୟ ପୀତବାସ ମହାପାତ୍ର, ବରିଷ୍ଠ ନାଗରିକ ବନମାଳୀ ଦାସ, ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସାହୁ, ପୂର୍ବତନ କର୍ପୋରେଟର ତଥା ସ୍ମୃତି ସଂସଦର ସଭ୍ୟ ପ୍ରମୋଦ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସଦର ଉପଜିଲ୍ଲାପାଳ କମଲଜିତ୍ ଦାସ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଶୁଭାରମ୍ଭ ଅବସରରେ ଯୋଗଦେଇଥିଲେ ।

# କଟକ ଜିଲ୍ଲା ପରିଷଦ ବୈଠକ

କଟକ, ୩୧ ।୧(ସମିସ): ଜିଲ୍ଲାରେ କୃଷି, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପଶୁପାଳନ, ଜଳଛାୟା, ଗ୍ରାମୀଣ ରାସ୍ତା ଓ କୋଠାବାଡି, ଗ୍ରାମ୍ୟ ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ସେବା ଓ ପରିବାର କଲ୍ୟାଣ ଅନ୍ତର୍ଗତ ବିଭିନ୍ନ ଯୋଜନା ଉପରେ କଟକ ଜିଲ୍ଲା ପରିଷଦ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଜନକଲ୍ୟାଣ ମୂଳକ ଯୋଜନାକୁ ଗ୍ରାମାଞ୍ଚଳ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ବୈଠକରେ ମତ ପ୍ରକାଶ ପାଇଛି । ଆଜି କଟକ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ସପ୍ତମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ବୈଠକରେ ଯୋଗଦେଇ ଜିଲ୍ଲାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ଉନ୍ନତି ତଥା ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ନିମନ୍ତେ ଜନହିତକର କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ବୈଠକରେ କୃଷି, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପଶୁପାଳନ, ଜଳଛାୟା, ଗ୍ରାମୀଣ ରାସ୍ତା ଓ କୋଠାବାଡି, ଗ୍ରାମ୍ୟ ଉନ୍ନୟନ ଏବଂ ସ୍ୱାସ୍ଥ୍ୟସେବା ଓ ପରିବାର କଲ୍ୟାଣ ସମ୍ବନ୍ଧରେ ସୁବିସ୍ତୃତ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ ସୂଚନା ଦେଇଥିଲେ । ବୈଠକରେ ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

**● ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱାରୋପ**




## ବେଆଇନ କପ ସିରଫ ଜବତ

କଟକ, ୩୧।୧(ସମିସ): ଗାନ୍ଧୀପଲ୍ଲୀ ଅଞ୍ଚଳରେ ସିଆରଆରଆଇ ଥାନା ପୁଲିସ ଚଢ଼ଉ କରି ବିପୁଳ ପରିମାଣର ବେଆଇନ କପ ସିରଫ ଜବତ କରିଛି । ଘଟଣାସ୍ଥଳରୁ ବେପାରୀ ଜଣକ ଖସି ଫେରାର ହୋଇଯାଇଛି । ତାକୁ ଧରିବା ଲାଗି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଥିବା ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣରେ ସ୍ଥାନୀୟ ଗାନ୍ଧୀପଲ୍ଲୀ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓରଫ ପୁନିଆଙ୍କ ଘରେ ବିପୁଳ ପରିମାଣର ବେଆଇନ କପ ସିରଫ ଗଚ୍ଛିତ ରହିଥିବା ନେଇ ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା । ଖବର ମିଳିବା ପରେ ଏସଆଇ ବି.କେ ନାୟକ, ପି. ଟେଟେ ଓ କନଷ୍ଟେବଳ ଇତିଶ୍ରୀ ପ୍ରଧାନ ପ୍ରମୁଖଙ୍କ ଏକ ଟିମ ଘରେ ଉପରେ ଅଚାନକ ଚଢଉ କରିଥିଲେ । ଯାଞ୍ଚ ପରେ ସେଠାରୁ ୪୬ ପେଟି କଫସିରଫ ମିଳିଥିଲା । ଏସ କପ ଓ ଏସଟୋ ରେକ୍ସ ନାମ ଥିବା ଏହି କପ ସିରଫଗୁଡିକ ଗୋଟିଏ ପେଟିରେ ୧୨୦ରୁ ଅଧିକ ବୋତଲ ରହିଥିଲା । ତେବେ ଏହି ଚଢ଼ଉ ସମ୍ପର୍କରେ ପୂର୍ବରୁ ସୂଚନା ପାଇଁ ଅଭିଯୁକ୍ତ ପୁନିଆ ଫେରାର ହୋଇଯିବାରେ ସକ୍ଷମ ହୋଇଛି । ଫଳରେ ତାକୁ ଧରିବା ପାଇଁ ଏକାଧିକ ସ୍ଥାନରେ ପୁଲିସର ଚଢଉ ଜାରି ରଖିଛି ।

# ଇସ୍‌କଫ ପକ୍ଷରୁ ଗାନ୍ଧିଜୀ ଓ ସାମ୍ପ୍ରଦାୟିକ ସଂପ୍ରୀତି ସେମିନାର




କଟକ, ୩୧।୧(ସମିସ): ଇସ୍‌କଫ ପକ୍ଷରୁ ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ଏକ ଆଲୋଚନା ସଭା ବିଶିଷ୍ଟ ଶିକ୍ଷକ ନେତା ବିବେକାନନ୍ଦ ଦାଶଙ୍କ ସଭାପତିତ୍ୱରେ ବାରବାଟୀ ଷ୍ଟାଡିୟମ ଇସ୍‌କଫ ହଲରେ ଅନୁଷ୍ଠିତ ହୋଇଥିଲା । ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମାଜସେବୀ ଶୈଳ ବେହେରା, ଇସ୍‌କଫ ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ, ପରିବେଶବିତ ଜାନକୀ ବଲ୍ଲଭ ମହାନ୍ତି, ଶିକ୍ଷକ ନେତା କର୍ଣ୍ଣଚନ୍ଦ୍ର ଘଡ଼େଇ, ସମାଜସେବୀ ଭିକାରୀ ଦାସ, ଶ୍ରମିକ ନେତା କିଶୋର ଜେନା, ଇପଟା ସମ୍ପାଦକ ସୁଶାନ୍ତ ମହାପାତ୍ର, ଶ୍ରମିକ ନେତା ରବୀନ୍ଦ୍ର ଧଳ, ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ବ୍ୟାଙ୍କ କର୍ମଚାରୀ ସଂଘ ନେତା ସୁବାସ ଚନ୍ଦ୍ର ବୋଷ ଓ ଭ୍ରମରବର ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ଗାନ୍ଧୀଜୀଙ୍କ ଜୀବନ ତାଙ୍କ ତତ୍ତ୍ୱ, ଆଭିମୁଖ୍ୟ, ସାମ୍ପ୍ରଦାୟିକ ସମ୍ପ୍ରିତି ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ ଗାନ୍ଧୀବାଦ ଓ ସାମ୍ପ୍ରଦାୟିକ ସଂପ୍ରୀତି କିପରି ବିପନ୍ନ ଅନେକ ବକ୍ତା ମତପୋଷଣ କରିଥିଲେ । ଇସ୍‌କଫ ରାଜ୍ୟ ସମ୍ପାଦକ ସଞ୍ଜୟ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ ।

## ସହିଦ ଦିବସ ପାଳିତ

ମାହାଙ୍ଗା, ୩୧।୧(ସମିସ): ସହିଦ ଦିବସ ଅବସରରେ ମାହାଙ୍ଗା ବ୍ଲକ ଗୋତରାଠାରେ ଥିବା ଗାନ୍ଧି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳଗାନ୍ଧୀ ସ୍ମାରକୀନିଧିର ରାଜ୍ୟ ସମ୍ପାଦକ ତଥା ସ୍ୱାଭିମାନ ମାହାଙ୍ଗାର ଅଧ୍ୟକ୍ଷ ଜୟନ୍ତ ଦାସ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଅଭୟ ଦାସ, ସେକ୍ ଅବଦୁଲ ହମିଦ୍, ଉଦିତ ଦାସ, ଜଗନ୍ନାଥ ଦାସ, ସାମ୍ବାଦିକ ସପ୍ତଜ୍ୟୋତି ରାଉଳ, ପ୍ରମୋଦ ପରିଡ଼ା, ଗଗନ ଦାସ, ପବିତ୍ର ଦାସ, ବଟକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶେଷରେ ସ୍ତମ୍ଭକାର ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



## ଶ୍ରୀକ୍ଷେତ୍ର ଗଲା ଗୁଆ, ଚାଉଳ

କଟକ/ଚୌଦ୍ୱାର, ୩୧।୧(ସମିସ): ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ଅଞ୍ଚଳର ମୋଟ ୨୩ ଟି ପଞ୍ଚାୟତରେ ପରିକ୍ରମା କରିଥିବା 'ଅର୍ପଣ ରଥ'କୁ ବିପୁଳ ଉତ୍ସାହରେ ସମସ୍ତ ଗ୍ରାମର ଆବାଳ ବୃଦ୍ଧବନିତା ଅକ୍ଷତ ନଡ଼ିଆ ଓ ଗୁଆ ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଜନସାଧାରଣଙ୍କ ଭାବଗତ ସମ୍ପର୍କକୁ ଚରିତାର୍ଥ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ସଂଗୃହୀତ ଭିକ୍ଷାକୁ ଜଗନ୍ନାଥଙ୍କ ସେବା ପାଇଁ ସମର୍ପିତ କରିବା ଉଦ୍ଦେଶ୍ୟରେ ସଂଗୃହିତ ଅକ୍ଷତ, ନଡ଼ିଆ ଓ ଗୁଆକୁ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ପ୍ରଦାନ କରିବା ନିମନ୍ତେ ଏକ ଟ୍ରକରେ ସମସ୍ତ ଚାଉଳ, ନଡ଼ିଆ ଓ ଗୁଆକୁ ଯୋଗାଇ ଦିଆଯାଇଛି । ସଦର ବ୍ଲକ ଅନ୍ତର୍ଗତ ମୋଟ ୨୩ଟି ପଞ୍ଚାୟତରେ ୮୮ କ୍ୱିଣ୍ଟାଲ ୫୦ କେଜି ଅରୁଆ ଚାଉଳ, ୨ ହଜାରରୁ ଊର୍ଦ୍ଧ୍ୱ ନଡ଼ିଆ ଓ ୮୮ କେଜିରୁ ଊର୍ଦ୍ଧ୍ୱ ଗୁଆ ବ୍ଲକ ଯୋଗାଣ ଅଧିକାରୀ କେଦାର ନାଥ ପଧାନି, ପଞ୍ଚାୟତ ନିର୍ବାହୀ ସନ୍ତୋଷ ପ୍ରଧାନ ଓ ବିଜୟ ମହାନ୍ତିଙ୍କ ସମେତ ସରପଞ୍ଚ ଅଶୋକ ପାତ୍ର ପରମହଂସ ମନ୍ଦିର ସେବାୟତ ତ୍ରିଲୋଚନ ପଣ୍ଡା ତାପସ ପଣ୍ଡା ସ୍ଥାନୀୟ ସ୍ୱେଚ୍ଛାସେବୀ ସଚିନ ପଣ୍ଡା, ଅମିୟ ରଞ୍ଜନ ଦାଶ, ବର୍କୁ ଡୁହ୍ଲା, କମଲ ଖାନ, ୱାର୍ଡ ମେମ୍ବର ୟୁନସ ଖାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ସେହିପରି ଚୌଦ୍ୱାର ପୌରପାଳିକାରେ ସଂଗୃହୀତ ହୋଇଥିବା ଗୁଆ, ନଡିଆ ଓ ଚାଉଳକୁ ମଙ୍ଗଳବାର ଶ୍ରକ୍ଷେତ୍ରକୁ ପଠାଯାଇଛି । ପୌରପାଳିକାର ୧୯ଟି ୱାର୍ଡରୁ ସଂଗ୍ରହ ହୋଇଥିବା ୮୦ ହଜାର ୩୦୧ ଟଙ୍କା, ୧୨ କେଜି ଗୁଆ, ୭୨୯ ନଡିଆ ଓ ୨୧.୩୭ କ୍ୱିଣ୍ଟାଲ ଚାଉଳ ପୁରୀକୁ ପଠାଯାଇଥିବା ପରିକ୍ରମା ରଥ ନୋଡାଲ ଅଫିସର ପତିତପାବନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ପ୍ରାଧ୍ୟାପିକା ସ୍ନେହଲତା ମହାନ୍ତିଙ୍କୁ ଅବସର ସମ୍ବର୍ଦ୍ଧନା

କଟକ, ୩୧।୧(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ସ୍ନେହଲତା ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେ ଜଣେ ଆଦର୍ଶ ଛାତ୍ରବତ୍ସଳ ପ୍ରାଧ୍ୟାପିକା ଭାବରେ ପରିଚିତ ଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ରଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରାଧ୍ୟାପକ ଆଲୋକ ଚନ୍ଦ୍ର ମହାନ୍ତି, ମଙ୍ଗରାଜ ପଣ୍ଡା, ପ୍ରଦ୍ୟୁମ୍ନ ଚୌଧୁରୀ, ପ୍ରଶାନ୍ତ ଜେନା, ଅଧ୍ୟାପିକା ଅମିତା ସାହୁ, ସ୍ୱାତୀମୁକ୍ତା ଷଡ଼ଙ୍ଗୀ, ଜୟନ୍ତୀବାଳା ପରିଡ଼ା, ସ୍ୱାତୀ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ୧୯୮୭ ମସିହା ଅକ୍ଟୋବର ମାସରେ କଟକ ବିଦ୍ୟାଧରପୁର ସ୍ଥିତ କଟକ ମହାବିଦ୍ୟାଳୟରେ ଅଧ୍ୟାପିକା ବୃତ୍ତି ଆରମ୍ଭ କରିଥିବା ଶ୍ରୀମତି ମହାନ୍ତି ଭଦ୍ରକ ମହିଳା ମହାବିଦ୍ୟାଳୟରେ କିଛି ମାସ ଅଧ୍ୟାପିକା ଥିଲେ । ୨୦୦୧ ମସିହା ଜୁନ ମାସରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୃହବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଭାବରେ ଯୋଗଦେଇ ସେ ଆଜି ଅବସର ଗ୍ରହଣ କରିଛନ୍ତି ।




## ଦାୟିତ୍ୱ ନେଲେ ଡିସିପି କନୱର ବିଶାଳ ସିଂହ

# 'କଟକ ହେବ ଅପରାଧମୁକ୍ତ ସହର'

କଟକ, ୩୧।୧(ସମିସ)

କଟକ ନୂଆ ଡିସିପି ଭାବେ ବୁଧବାର ଦାୟିତ୍ୱ ନେଇଛନ୍ତି ୨୦୧୦ ବ୍ୟାଚର ଆଇପିଏସ ଅଫିସର ତଥା ଡିଆଇଜି କନୱର ବିଶାଳ ସିଂ । ଅପରାହ୍ଣ ପ୍ରାୟ ୧ଟାରେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ପ୍ରଥମେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଦାୟିତ୍ୱ ଗ୍ରହଣ କରିବା ପରେ କଟକ ସହରାଞ୍ଚଳ ପୁଲିସ (ୟୁପିଡି)ର ସମସ୍ତ ଏଡିସିପି, ଜୋନ ଏସିପି ଓ ଥାନା ଅଧିକାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

କଟକ ଆସିବା ପୂର୍ବରୁ ପ୍ରଥମେ ସେ ଭୁବନେଶ୍ୱରସ୍ଥିତ ପୁଲିସ ସେବା ଭବନରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ ପରେ ଡିସିପି ଶ୍ରୀ ସିଂହ କହିଛନ୍ତି, ଅପରାଧୀ ମୁକ୍ତ ସହର ଓ ଶାନ୍ତିଶୃଙ୍ଖଳା ଯେଭଳି ଭାବେ ବଜାୟ ରହିବ ସେଥିପ୍ରତି ଦୃଷ୍ଟି ଦିଆଯିବ । ବିଶେଷ କରି ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରହିବ । କଟକକୁ ଅପରାଧମୁକ୍ତ ସହର ଭାବେ ଗଢିତୋଳିବା ପାଇଁ ଅପରାଧୀ ଦମନ ଅଭିଯାନକୁ ଜୋରଦାର କରାଯିବ । ଭାଇଗିରି ଓ ସଂଗଠିତ ଅପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ଅପରାଧ ଛାଡି ନ ପାରିଲେ ଅପରାଧୀଙ୍କୁ କଟକରୁ ତଡ଼ିବା ଭଳି ପଦକ୍ଷେପ ନିଆଯିବ । ଅପରପକ୍ଷରେ ଥାନାକୁ ଆସି କେହି ହେଲେ ଜଣେ ଅଭିଯୋଗକାରୀ ନ୍ୟାୟ ପାଇବାରୁ ବଞ୍ଚିତ ନ ହେବେ, ସେଥିପାଇଁ ଖୋଲିଥିବା ବରିଷ୍ଠ ନାଗରିକ, ମହିଳା ଓ ଶିଶୁ ସେଲ ଏବଂ ଅଭିଯୋଗ ପ୍ରକୋଷ୍ଠକୁ ଅଧିକ କ୍ରିୟାଶୀଳ କରାଯିବ । ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ସହିତ ସେମାନଙ୍କର ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି । ସାଇବର ଅପରାଧ ରୋକିବା ଲାଗି ସହରବାସୀଙ୍କ ନିମନ୍ତେ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ । ଏହାବ୍ୟତୀତ ସାଇବର ଥାନା ସମେତ ଅନ୍ୟ ଥାନାର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ନୂତନ ବୈଷୟିକ ଜ୍ଞାନକୌଶଳ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ସେହିପରି କଟକରେ ଟ୍ରାଫିକ ଏକ ପ୍ରମୁଖ ସମସ୍ୟା । ତେଣୁ ଭିଡ ନିୟନ୍ତ୍ରଣ ଲାଗି ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରି ଯଥାସମ୍ଭବ ଏହି ସମସ୍ୟାରୁ ସହରବାସୀଙ୍କୁ ମୁକ୍ତ କରାଯିବ । ବିଶେଷକରି ପୁରୀ ରଥଯାତ୍ରା ସମୟରେ ଭିଡ଼କୁ ନିୟନ୍ତ୍ରଣ କରାଯିବା ଲାଗି ଯେଉଁ ଉପାୟ ଗ୍ରହଣ କରାଯାଉଥିଲା ତାହାକୁ ପାଥେୟ କରି ଏହି ସହରର ପୂଜା ପର୍ବାଣୀ ସମୟରେ କାର୍ଯ୍ୟ କରିବେ ବୋଲି ଡିସିପି ଶ୍ରୀ ସିଂହ କହିଛନ୍ତି । ଅନ୍ୟପକ୍ଷରେ ଦାୟିତ୍ୱ ନେବା ପରେ ଡିସିପି ଶ୍ରୀ ସିଂହ କାର୍ଯ୍ୟାଳୟରେ ଥିବା ସମସ୍ତ ବିଭାଗ ବୁଲି ଦେଖିଥିଲେ । ଅପରାହ୍ଣରେ କିଛି ବରିଷ୍ଠ ପୁଲିସ ଅଧିକାରୀଙ୍କ ସହିତ ସହରର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରି ଅବଗତ ହୋଇଥିଲେ । ସନ୍ଧ୍ୟାରେ ଡିସିପି ଶ୍ରୀ ସିଂହ ସହରର ବିଭିନ୍ନ ଥାନା ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ ।





# ବିଦ୍ୟାଳୟ ପରିସରରେ ହାତୀ ଉପଦ୍ରବ



**ଟାଙ୍ଗୀ, ୩୧।୧(ସମିସ):** ଟାଙ୍ଗୀ ଅଞ୍ଚଳରେ ଗୋଟିକିଆ ହାତୀର ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ହାତୀପଲ ମଧ୍ୟରୁ ଏହି ହାତୀଟି ଅଲଗା ହୋଇ ସଫା, କରଞ୍ଜି, ଗରୁଡ଼ଗାଁ, କହ୍ନେଇପୁର ଓ ବ୍ରହ୍ମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରେ ପଶି ଅନେକ କ୍ଷୟକ୍ଷତି କରିବାରେ ଲାଗିଛି। ଏଭଳି ଘଟଣା ଘଟିଛି ଗରୁଡ଼ ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ହାତୀ ପଶି ବାଉଣ୍ଡରି ଭାଙ୍ଗି ବିଦ୍ୟାଳୟ ପରିସରରେ ଥିବା ଫସଲ ନଷ୍ଟ କରିବା ସହ ଘର ଝରକା ଭାଙ୍ଗି ଛାତ୍ରଛାତ୍ରୀଙ୍କ ଖାଦ୍ୟପାଇଁ ରଖାଯାଇଥିବା ଚାଉଳ ବସ୍ତା ଖାଇବା ସହ ବହୁତ ଚାଉଳ ନଷ୍ଟ ହୋଇଛି। ଉକ୍ତ ବିଦ୍ୟାଳୟ ଜନଜାତି ଓ ଉପଜାତି ବିଭିନ୍ନ ଜିଲ୍ଲାରୁ ଆସି ରହି ଅଧ୍ୟୟନ କରୁଛନ୍ତି। ହାତୀ ଆସିବା ଦ୍ୱାରା ଶିକ୍ଷକ ଓ ଛାତ୍ରଛାତ୍ରୀ ହାତୀ ଭୟରେ କାଳାତିପାତ କରୁଛନ୍ତି। ବନପାଳଙ୍କ ଅକ୍ତିଆରରେ ନ ଥିବା ଜଣାପଡ଼ିଛି। ଏହି ଗୋଟିକିଆ ହାତୀକୁ ବନ ବିଭାଗ ନନ୍ଦନକାନନ ଅବା ଅନ୍ୟ କୌଣସି ଜଙ୍ଗଲରେ ଛାଡ଼ିବା ପାଇଁ ଅଞ୍ଚଳବାସୀ ଦାବି କରିଥିବା ଜାଣିବାକୁ ମିଳିଛି।

# ବାଙ୍କୀ କଲେଜ ମହିଳା ଏନ୍‌ସିସି ଦଳ ପୁରସ୍କୃତ



**ବାଙ୍କୀ, ୩୧।୧(ସମିସ):** ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ବିଭାଗ ଏନ୍‌ସିସି ଦଳ ପ୍ୟାରେଡରେ ଶ୍ରେଷ୍ଠସ୍ଥାନ ଅଧିକାର କରି ମୁଖ୍ୟଅତିଥି ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଓ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ମହିଳା ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପଟେନ୍ ସନ୍ଧ୍ୟାରାଣୀ ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ଏନ୍‌ସିସି ଦଳ ଶୃଙ୍ଖଳିତ ଭାବରେ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ବାଙ୍କୀ, ୩୧।୧(ସମିସ): ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟସ୍ଥ ମା'ମହାବେରଣା ବିଦ୍ୟାପୀଠର ୧୯୮୬ ମସିହା ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କର ଏକ ସମାବେଶ ପ୍ରସିଦ୍ଧ ଶକ୍ତିପୀଠ ମା'ମହାବେରଣା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ମିଶ୍ର ସଭାପତିତ୍ୱ କରିଥିଲେ। ଏହି ସମାବେଶରେ ଶାନ୍ତିଲତା ଦାଶ, ମଞ୍ଜୁବାଳା ତ୍ରିପାଠୀ, ଶୈଳବାଳା ପଣ୍ଡାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ସମସ୍ୟା ତଥା ବିଦ୍ୟାଳୟର ସ୍ମୃତି ଉପରେ ଆଲୋକପାତ କରିଥିଲେ। ଆସନ୍ତା ଦିନରେ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗେଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଚୌଦ୍ୱାର କଲେଜ ୨୦୧୭ ବ୍ୟାଚ୍ ବନ୍ଧୁମିଳନ



**ଚୌଦ୍ୱାର, ୩୧।୧(ସମିସ):** ଚୌଦ୍ୱାର କଲେଜ ବାଣିଜ୍ୟ ବିଭାଗର ୨୦୧୭ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କୁଜିବର ଭରାଣ୍ଡିସ୍ଥିତ ହନୁମାନ ହୁଡ଼ାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଚ୍‌ର ପୁରାତନ ଛାତ୍ରମାନେ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହିତ ଭାବ ବିନିମୟ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବୀନ ରାଓ, ମୃତ୍ୟୁଞ୍ଜୟ ପ୍ରଧାନ, ମନୋରଞ୍ଜନ ସାହୁ, ଜୟରାମ ଜେନା, ସତ୍ୟବ୍ରତ ସ୍ୱାଇଁ, ଲକ୍ଷ୍ମୀଧର ନାୟକ, ସମର ବେହେରା, ନରେଶ କୁମାର, ଜ୍ୟୋତି ରଞ୍ଜନ, ବିଶ୍ୱଜିତ ବାରିକ, ପ୍ରୟାସ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜେନ୍ଦ୍ର ପ୍ରସାଦ ପଣ୍ଡା ବିଜେପି ରାଜ୍ୟ ମୁଖପାତ୍ର

ନିଆଳି, ୩୧।୧(ସମିସ): ଓଡ଼ିଶା ପ୍ରଦେଶ ବିଜେପି ପକ୍ଷରୁ ନବନିଯୁକ୍ତ ପ୍ରବକ୍ତା, ପ୍ୟାନେଲିଷ୍ଟ ଓ ଗଣମାଧ୍ୟମ ସଂଯୋଜକଙ୍କ ସୂଚି ପ୍ରକାଶିତ ହୋଇଛି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଏହି ନିବନିଯୁକ୍ତି ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ନିଆଳି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ପୁଣି ଥରେ ବିଜେପିର ରାଜ୍ୟ ମୁଖପାତ୍ର ଦାୟିତ୍ୱ ମିଳିଛି। ରାଜ୍ୟ ବିଜେପିର ବରିଷ୍ଠ ନେତୃତ୍ୱ ତାଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରି ରାଜ୍ୟ ମୁଖପାତ୍ର ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ଶ୍ରୀ ପଣ୍ଡା ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବ୍ରହ୍ମଗିରି ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ରାଜ୍ୟ ବିଜେପିର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

# ଗ୍ରାହକ ସେବା କେନ୍ଦ୍ର ଖୋଲିବାରେ ଅନିୟମିତତା

## ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ

**ସାଲେପୁର, ୩୧।୧(ସମିସ)**

ସରକାରଙ୍କ ପକ୍ଷରୁ ଲୋକମାନଙ୍କୁ ସହଜରେ ବ୍ୟାଙ୍କ୍ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଭିନ୍ନ ପଞ୍ଚାୟତରେ ଆମ ବ୍ୟାଙ୍କ ଯୋଜନାରେ ଗ୍ରାହକ ସେବା ନିମନ୍ତେ ଗ୍ରାହକ ସେବା କେନ୍ଦ୍ର ଖୋଲାଯାଉଛି। ଏହି ସେବା କେନ୍ଦ୍ର ପାଇଁ ଯେଉଁ ଅଞ୍ଚଳରେ ଏହି ଗ୍ରାହକ ସେବା କେନ୍ଦ୍ର ଖୋଲାଯିବ, ସେହି ଅଞ୍ଚଳର ବ୍ୟକ୍ତି ହୋଇଥିବା, ଅପରାଧୀ ମାମଲା ନ ଥିବ, ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଥିବା ବ୍ୟକ୍ତିଙ୍କୁ ମନୋନୟନ ମାଧ୍ୟମରେ ଚୟନ କରାଯାଇ ଗ୍ରାହକ ସେବା କେନ୍ଦ୍ର ଖୋଲିବା ପାଇଁ ଅନୁମତି ମିଳିଥାଏ। କିନ୍ତୁ ସାଲେପୁର ବ୍ଲକ ପିକୋଲ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ୨ମାସ ତଳେ ଆମ ବ୍ୟାଙ୍କ୍ ଯୋଜନାରେ ପିକୋଲ ଠାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍‌ର ଏକ ଗ୍ରାହକ ସେବା କେନ୍ଦ୍ର ଖୋଲିବା ପାଇଁ ପଞ୍ଚାୟତକୁ ସୂଚନା ଦିଆଯାଇଥିଲା। ଆଶାୟୀ ବ୍ୟକ୍ତି ଏହି ଗ୍ରାହକ ସେବା କେନ୍ଦ୍ର ଖୋଲିବା ପାଇଁ ଇଚ୍ଛୁକ ସେମାନେ ଆବେଦନ କରିବାକୁ କୁହାଯାଇଥିଲା। ତଦନୁଯାୟୀ ପିକୋଲଠାରେ ଖୋଲାଯିବାକୁ ଥିବା ଗ୍ରାହକ ସେବା କେନ୍ଦ୍ର ନିମନ୍ତେ ଏକମାତ୍ର ପ୍ରାର୍ଥୀ ଭାବେ ପିକୋଲ ଗ୍ରାମର ହୁସନମା ଖାନ୍‌ମ ନାମକ ଜଣେ ମହିଳା ଆବେଦନ କରିଥିଲେ। ବ୍ୟାଙ୍କ୍ ପକ୍ଷରୁ ମଧ୍ୟ ଭିଡ଼ିଓ କଲିଂ ମାଧ୍ୟମରେ ସାକ୍ଷାତକାର କରାଯାଇଥିଲେ ମଧ୍ୟ ସେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିଥିଲେ। ଏହି ଗ୍ରାହକ ସେବା କେନ୍ଦ୍ର ପାଇଁ ଅନ୍ୟ କୌଣସି ବ୍ୟକ୍ତି ଆବେଦନ କରି ନ ଥିବାରୁ ସାକ୍ଷାତକାରରେ ତାଙ୍କୁ ମନୋନୀତ କରାଯାଇଛି ବୋଲି ଆଶ୍ୱସ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ଏହି ଗ୍ରାହକ ସେବା କେନ୍ଦ୍ର ଖୋଲିବା ପାଇଁ ତାଙ୍କୁ ଟେଲିଫୋନ୍ ମାଧ୍ୟମରେ ଜଣେ ବ୍ୟାଙ୍କ୍ କର୍ମଚାରୀ ୪୦ହଜାର ଟଙ୍କା ଉତ୍କୋଚ ଦାବି କରିଥିଲେ। ଏହି ଟଙ୍କା ଦେଲେ ତୁମ ନାମରେ ଏହି କେନ୍ଦ୍ର କରାଇ ଦିଆଯିବ ବୋଲି କହିଥିଲେ। ଶ୍ରୀମତୀ ଖାନମ୍‌ଙ୍କର ସମସ୍ତ କାଗଜପତ୍ର, ଶିକ୍ଷାଗତ ଯୋଗ୍ୟତା ଏବଂ ଏହି ଗ୍ରାହକ ସେବା କେନ୍ଦ୍ର ପାଇଁ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ସେ ନିଶ୍ଚିତ ହୋଇଯାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଗ୍ରାହକ ସେବା କେନ୍ଦ୍ର ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ଦିଆଯାଇଥିବା ଶ୍ରୀମତୀ ଖାନମ୍ ଜାଣିବା ପରେ ତୁମର ଅନ୍ୟ ବ୍ୟାଙ୍କ୍‌ରେ ଋଣ ଥିବାରୁ ତୁମକୁ ଏହି ଗ୍ରାହକ ସେବା କେନ୍ଦ୍ର ସ୍ଥାପନ ପାଇଁ ଅନୁମତି ଦିଆଯାଇନାହିଁ ବୋଲି ପ୍ରକାଶ କରିଥିଲେ। ତାଙ୍କ ପ୍ରତି ଅବିଚାର କରାଯାଇଥିବା ନେଇ ଶ୍ରୀମତୀ ଖାନମ୍ ଅର୍ଥ ବିଭାଗର ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ ଦାୟିତ୍ୱରେ ଥିବା ରେଲିସେକ୍ କନ୍‌ସଲ୍‌ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ କର୍ତ୍ତୃପକ୍ଷ, ବ୍ୟାଙ୍କ୍ ପରିଚାଳକ ଓ ବ୍ଲକ କର୍ତ୍ତୃପକ୍ଷ ତାଙ୍କୁ ବାଦ୍ ଦେଇଥିବା ସେ ଅଭିଯୋଗ କରିବା ସହ ଏଭଳି ବେଆଇନ୍ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ସେହିପରି ସାଲେପୁର ବ୍ଲକର ବହୁ ପଞ୍ଚାୟତରେ ମଧ୍ୟ ଗ୍ରାହକ ସେବା କେନ୍ଦ୍ର ଖୋଲିବାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

# ତାଲିମ ଶିବିର ଉଦ୍‌ଯାପିତ

ମାହାଙ୍ଗା, ୩୧।୧(ସମିସ): ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ତାଲିମ ସମୃଦ୍ଧି ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ଅଧୀନରେ ଥିବା ହନୁମାନଜୀଉ ବିଦ୍ୟା ନିକେତନ ରାଣୀଗୋଡା, ବଳଦେବଜୀଉ ନୋଡାଲ ବିଦ୍ୟାଳୟ ଉମର ଓ ସମସରପୁର ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ ୪ଟି ତାଲିମ ଶିବିରରେ ମୋଟ ୧୮୮ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିବା ବେଳେ ୧୫ ଜଣ ପ୍ରଶିକ୍ଷକ ଯୋଗଦେଇ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେଗା ଏସ୍‌ଏଚ୍‌ଜି ସମନ୍ୱୟ ମେଳା

**ନିଆଳି ୩୧।୧(ସମିସ)**




ନିଆଳି ଏସ୍‌ବିଆଇ ଶାଖା ପକ୍ଷରୁ ସୋମବାର ନିଆଳି ସ୍ଥିତ ସାହୁ ପ୍ୟାଲେସ ପରିସରରେ ଏକ ମେଗା ଏସ୍‌ଏଚ୍‌ଜି ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ନିଆଳି ଏସ୍‌ବିଆଇର ଶାଖା ପରିଚାଳକ ସୁବ୍ରତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏସ୍‌ବିଆଇର ଜେନେରାଲ ମ୍ୟାନେଜର ଏମ୍.ପୁନମ୍‌ବଲମ, ଅନ୍ୟତମ ଅତିଥି ଭାବେ ନିଆଳି ବିଡ଼ିଓ ଉଲ୍ଲାସ ଚନ୍ଦ୍ର ସେଠୀ, ଡ଼ିଜିଏମ୍ ସଞ୍ଜୟ ଝା ଏବଂ କଟକ ଏସ୍‌ବିଆଇର ରିଜିଓନାଲ୍ ମ୍ୟାନେଜର ସୁବାଷ ଚନ୍ଦ୍ର ବେହେରା, ନିଆଳି ବ୍ଲକ ମିଶନଶକ୍ତି ମହାସଂଘର ସମ୍ପାଦିକା ସତ୍ୟସ୍ମିତା ପାଣି ପ୍ରମୁଖ ଯୋଗଦେଇଥିଲେ। ଏହି ମେଳାରେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ଯୋଗଦେଇଥିବା ବେଳେ କେତେକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରସ୍ତୁତ ସାମଗ୍ରୀ ପଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ନିଆଳି ବ୍ଲକର ୩୫ଟି ମହିଳା ଗୋଷ୍ଠୀକୁ ଏକ କୋଟି ଟଙ୍କାର ଋଣ ମଞ୍ଜୁର କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିଆଳି ଏସ୍‌ବିଆଇର କର୍ମଚାରୀ ଚେତନା ଜେନା ପରିଚାଳନା କରିଥିଲେ।

# ଡ୍ରାଇଭର ମହାସଂଘର ସ୍ମୃତିଚାରଣ ସଭା

**ତିଗିରିଆ, ୩୧।୧(ସମିସ)**

ସାଲେପୁର ଶିଶୁଆ ଠାରେ ଗତ ୧୯ ତାରିଖ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ତିଗିରିଆ ନିଜିଗଡ଼ ଗ୍ରାମର ଡ୍ରାଇଭର ସୁଧିର ପରିଡ଼ାଙ୍କ ଏକାଦଶାହ ତିଥି ପାଳନ ଅବସରରେ ତିଗିରିଆ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରାର ଆୟୋଜନ କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ତିଗିରିଆ ବ୍ଲକ ଡ୍ରାଇଭର ମହାସଂଘର ସଭାପତି ମନୋଜ କୁମାର ଭୁଜବଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଚନ୍ଦ୍ରଶେଖର ପତି, ସମ୍ପାଦକ ଅମୀୟ ସାହୁ, ପବିତ୍ର ମହାନ୍ତି, ମହମ୍ମଦ ସଜାଦ, ମିଟୁ ନାଏକ, ଟୁଟୁ ନାଏକ, ମନୋରଞ୍ଜନ ରଣା, ମହମ୍ମଦ ରଜାକ, କାହ୍ନୁଚରଣ ମିଶ୍ର, ବେଣୁଧର ବେହେରା, ଶ୍ରୀପତି ମିଶ୍ର, ବୁଲୁ ସାହୁ, ମହମ୍ମଦ ତାହେର, ଅର୍ଜୁନ ଅଙ୍କିତ, ପ୍ରଶାନ୍ତ ପ୍ରଧାନ, ରବୀନ୍ଦ୍ର ଜେନା ପ୍ରମୁଖ ସଦସ୍ୟମାନେ ତିଗିରିଆ ନିଜିଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର ସ୍ୱର୍ଗତ ପରିଡ଼ାଙ୍କ ବାସଭବନକୁ ଆସି ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହି ସଂଘ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ସାଇ ସ୍ପୋର୍ଟିଂ ଚାମ୍ପିଅନ

**ମାହାଙ୍ଗା, ୩୧।୧(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ ଅଡମ ମହେଶପୁରଠାରେ ଥିବା ଅଡମ ଖେଳ ପଡ଼ିଆଠାରେ କ୍ରାନ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ରାନ୍ତି କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଯାଜପୁର ସାଇ ସ୍ପୋର୍ଟିଂ କ୍ରିକେଟ ଟିମ ପଞ୍ଚୁପାଣ୍ଡବ ଆଞ୍ଚଳିକ ଯୁବ ପରିଷଦ କେନ୍ଦ୍ରାପଡ଼ାକୁ ହରାଇ ଚାମ୍ପିଅନ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ସ୍ନେହାଶିଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ସରପଞ୍ଚ ରାଜକିଶୋର ବଳ, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ବିଜେଡି ସଭାପତି ରାହାସ ବିହାରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସଞ୍ଜିବ ବିଶ୍ୱାଳ ଓ ସ୍ନେହାଶିଷ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୧୯୭୮ ମସିହାରେ କ୍ଲବ ଗଠନର ୨୦ ଜଣ ପୂର୍ବତନ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ବିଶ୍ୱଜିତ ପଣ୍ଡା, ମଣିଶଙ୍କର ସାମଲ, ସ୍ୱାଧୀନ ଦାସ, ସଞ୍ଜୀବ ବିଶ୍ୱାଳ, ଦୀନବନ୍ଧୁ ଦାସ, ଶୈଳ୍ୟ ରଞ୍ଜନ ପ୍ରଧାନ, ପୁର୍ଣ୍ଣେନ୍ଦୁ ଭୂୟାଁ, ବିଶ୍ୱରଞ୍ଜନ ସାହୁ, ନିରାକାର ସାମଲ, ଜ୍ୟୋତିରଞ୍ଜନ ପଣ୍ଡା, ମନୀଷ ସେଠୀ, ଆକାଶ ମହାନ୍ତି, ରିଙ୍କୁ ବାରିକ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଶିବନାରାୟଣ ବିଶ୍ୱାଳ, ଶୁଭେନ୍ଦୁ ଭୂୟାଁ, ଆଶୁତୋଷ ସାମଲ, ଜଗଦିଶ ନାୟକଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ବାଙ୍କୀ, ୩୧।୧(ସମିସ):** ରାଣୀ ଶୁକଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା କବିତା ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ୧୫୬ଜଣ ଛାତ୍ରୀ ସଫଳତାର ସହ ପ୍ରଶିକ୍ଷଣ ନେଇଥିବା ଯୋଗୁଁ ସେମାନଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଛାତ୍ରୀ ଯୋଗଦାନ କରିଥିଲେ। ପ୍ରଶିକ୍ଷିକା ଭାବେ ସ୍ୱାଗତିକା ଜେନା, ସୁନୀତା ସାମଲ ଓ ଦୀପାଞ୍ଜଳି ପାଟଯୋଶୀ ପ୍ରଶିକ୍ଷଣ ଦେଇଥିଲେ। କ୍ରୀଡା ଶିକ୍ଷକ ତଥା ସଂଯୋଜକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



**ମାହାଙ୍ଗା, ୩୧।୧(ସମିସ):** ଗୋପାଳପୁର ପଞ୍ଚାୟତର ସତ୍ୟନାରାୟଣ ପାଲା ମଣ୍ଡପ, ଦୁଲ୍ଲାରପୁର ନିକଟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦୁଲ୍ଲାରପୁର, ଗୋପାଳପୁର ୨୧ତମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୁରସ୍କାର ବିତରଣୀ ଉତ୍ସବରେ ଗଦାଧର ପାଣି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଖାନନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ଷଡଙ୍ଗୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଗୋପାଳପୁର ପଞ୍ଚାୟତର ସରପଞ୍ଚ ମମତା ସେଠୀ, ସମିତିସଭ୍ୟା ଦେବସ୍ମିତା ସେଠୀ, ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିବେକାନନ୍ଦ ପାଣି, ଗୋପାଳପୁର ପଞ୍ଚାୟତର ଗୌତମ ଚରଣ ଜେନା, କଲ୍ଲୋଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପାଧ୍ୟକ୍ଷା ରୁପଶ୍ରୀ ନାଥଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ରାମକୃଷ୍ଣପୁର-ଓସ୍ତପୁର ସ୍କୁଲର ବାର୍ଷିକ କ୍ରୀଡ଼ା

**ନିଶ୍ଚିନ୍ତକୋଇଲି, ୩୧।୧(ସମିସ):** ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୪୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ଓଝା ଉଦଘାଟନ କରିଛନ୍ତି। ଶାରିରୀକ ଶିକ୍ଷା ଶିକ୍ଷକ କଳ୍ପନା ମହାନ୍ତିଙ୍କ ପୌରୋହିତ୍ୟରେ ଏହି ଉଦଘାଟନୀ ଉତ୍ସବରେ ରଶ୍ମିରେଖା ଦାଶ, ସୋନୁରାଣୀ ସାହୁ, ରମାଳିନ ନାୟକ, ମଧୁସ୍ମିତା ନାୟକ, ତନୁଶ୍ରୀ ନାୟକ, କାର୍ଯ୍ୟାଳୟ ସହକାରୀ ଚିତ୍ତ ରଞ୍ଜନ ପ୍ରଧାନ, ଅନିଲ ଦାସ, ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଚିତ୍ତ ରଞ୍ଜନ ଦଳାଙ୍କ ନେତୃତ୍ୱରେ ମୁଖ୍ୟଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## ଭାରୀଯାନ ଚଳାଚଳ ଉପରେ ଲାଗୁନି ରୋକ

# ଜଲ୍ଲାରପୁର-ୱାଉପଲ୍ଲୀ ରାସ୍ତା ଶୋଚନୀୟ

**ନିଆଳି, ୩୧।୧(ସମିସ)**



ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ଠାରୁ ୱାଉପଲ୍ଲୀ ଦେଇ ବରିମୁଣ୍ଡେଇ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ୱାଉପଲ୍ଲୀ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ଅତ୍ୟନ୍ତ ଅଣଓସାରିଆ ହୋଇଥିବା ବେଳେ ପ୍ରତ୍ୟେହ ଉକ୍ତ ଗ୍ରାମର ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଯିବା ଆସିବା କରିବା ସହ ଉକ୍ତ ଗ୍ରାମର ଚାଷୀମାନେ ଯିବା ଆସିବା କରିଥାନ୍ତି। ମାତ୍ର ଏହି ରାସ୍ତାରେ ବାଲି ବୋଝେଇ ହାଇୱା ଚାଲୁଥିବାରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ଏହି ରାସ୍ତାରେ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ, ଚାଷୀ ଓ ଗ୍ରାମବାସୀମାନେ ବିପଦସଂକୁଳ ମଣୁଛନ୍ତି। ଏହି ରାସ୍ତାରେ ଭାରିଯାନ ଚଳାଚଳ ପାଇଁ ୱାଉପଲ୍ଲୀ ଗ୍ରାମବାସୀ ବିରୋଧ କରୁଥିବା ଜଣାଯାଇଛି। ଯଦି ଭାରିଯାନ ଚଳାଚଳ ବନ୍ଦ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି।

# ଦିବଂଗତ ସାଂସଦ ଓ ସାମ୍ବାଦିକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି




ଚୌଦ୍ୱାର, ୩୧।୧(ସମିସ): ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ତଥା ସାଂସଦ ଅନାଦି ଚରଣ ସାହୁ ଏବଂ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସଙ୍କ ସଭାପତିତ୍ୱରେ ଆଗ୍ରାହାଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭାଗବତ ରାଉତ, ଅକ୍ଷୟ ମିଶ୍ର, ପବିତ୍ର ମୋହନ ସାହୁ, ବୈଷ୍ଣବ ଚରଣ ପ୍ରଧାନ ପ୍ରମୁଖ ଦିବଙ୍ଗତ ଅନାଦି ବାବୁ ଓ ଅରୁଣ ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ବିକାଶ ଦିଗରେ ଉଭୟଙ୍କର ମହତ୍ ଅବଦାନ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ସହଦେବ ବରାଳ, କୃଷ୍ଣଚନ୍ଦ୍ର ପ୍ରତାପସିଂହ, ଭାସ୍କର ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଦେଇଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୪୧
- ୟୁରୋ ୮୯.୮୭ ● ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୦୦୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୭୫୨.୦୦
- ନିଫ୍ଟି ୨୧,୭୨୫.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

### ଆଜି ଆଗତ ହେବ ଅନ୍ତରୀଣ ବଜେଟ

# ଖୋଲିବ ନିର୍ମଳା ପେଡ଼ି: ଘୋଷଣା ହୋଇପାରେ ଲୋଭନୀୟ ଯୋଜନା

**ଭୁବନେଶ୍ୱର,୩୧।୧(ଏଜେନ୍ସି)**

ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଉପସ୍ଥାପନ ହେବ ଦେଶର ଅନ୍ତରୀଣ ବଜେଟ୍। ସାଧାରଣ ନିର୍ବାଚନ ପୂର୍ବରୁ ଆସୁଥିବାରୁ ଏହି ବଜେଟ

- ସବୁ ବର୍ଗଙ୍କୁ ଖୁସି କରିବାକୁ ହେବ ପ୍ରୟାସ
- ବଦଳିପାରେ ଆୟକର ସ୍ଲାବ୍

ଉପରେ ଏବେ ସାରା ଦେଶବାସୀଙ୍କ ନଜର। ଏଥର ବଜେଟରେ ସବୁ ବର୍ଗଙ୍କୁ ଖୁସି କରିବାକୁ ବଜେଟରେ କେନ୍ଦ୍ର ସରକାର ଉଦ୍ୟମ କରିପାରନ୍ତି। ଖାସ କରି ମହିଳା ଏବଂ ମଧ୍ୟମ ବର୍ଗଙ୍କୁ ଖୁସି କରିବା ଲାଗି ଆୟକର ସ୍ଲାବରେ ବିଶେଷ କିଛି ପରିବର୍ତ୍ତନ ନେଇ ଆଶା ରହିଛି । ଏହାଛଡା ଚାଷୀ, ଶ୍ରମିକ, ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କ ପାଇଁ କିଛି ଉପହାର ବଜେଟରେ ମିଳିବାର ସମ୍ଭାବନା ରହିଛି।

ଆସନ୍ତାକାଲି ସକାଳ ୮ଟା ୩୦ ମିନିଟ୍ରେ ଅର୍ଥମନ୍ତ୍ରୀଙ୍କର ବଜେଟ ପ୍ରସ୍ତୁତକାରୀ ଟିମ୍ ସହ ଏକ ଫଟୋ ସେସନ୍ ଅନୁଷ୍ଠିତ ହେବ। ଏହାପରେ ବଜେଟକୁ ମଞ୍ଜୁରୀ ଦେବାକୁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।




୯ଟା ୧୫ ମିନିଟ୍ରେ ଅର୍ଥମନ୍ତ୍ରୀ ସଂସଦକୁ ଆସିବେ। ୧୦ଟାରେ କ୍ୟାବିନେଟ୍ ବୈଠକ ପରେ ବଜେଟକୁ ଅନୁମୋଦନ ଦିଆଯିବ। ଏହାପରେ ଅର୍ଥମନ୍ତ୍ରୀ ଦିନ ୧୧ଟାରେ ସଂସଦରେ ବେଜଟ ଆଗତ କରିବେ। ବଜେଟରେ ଖାସ କରି ମହିଳା ଏବଂ ମଧ୍ୟମ ବର୍ଗଙ୍କୁ ଖୁସି କରିବା ଲାଗି ଆୟକର ସ୍ଲାବରେ ଅର୍ଥମନ୍ତ୍ରୀ କିଛି ପରିବର୍ତ୍ତନ କରବା ନେଇ ସମସ୍ତଙ୍କ ଆଶା। ଏହାଛଡା ଚାଷୀ, ଶ୍ରମିକ, ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କ ପାଇଁ ଏଥିରେ କିଛି ଉପହାର ମିଳିବାର ସମ୍ଭାବନା ରହିଛି। ନିର୍ବାଚନକୁ ନଜରରେ ରଖି ସରକାର ଆଖିଦୃଶିଆ ଘୋଷଣା କରିପାରନ୍ତି। ଏହାବାଦ୍ ଅଧିକ ଲୋକ କିପରି ଟିକସ ପରିସରକୁ ଆସିବେ ସେଥିପାଇଁ ଅର୍ଥମନ୍ତ୍ରୀ ଉଦ୍ୟମ କରିବେ ବୋଲି ଅର୍ଥନୀତିଜ୍ଞମାନେ ମତ ପୋଷଣ କରିଛନ୍ତି। ନିର୍ବାଚନ ବର୍ଷ ହୋଇଥିବାରୁ ପେଟ୍ରୋଲିୟମ କିମ୍ବା ଡିଜେଲ ଦର ହ୍ରାସ ଲାଗି ଅର୍ଥମନ୍ତ୍ରୀ ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ କମ୍ କରିପାରନ୍ତି । ଏପରିକି ଖାଉଟି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଲାଗି କିଛି ପଦକ୍ଷେପ ନେଇପାରନ୍ତି ନିର୍ମଳା।

# ଜାନୁଆରୀରେ ଜିଏସ୍‌ଟି ସଂଗ୍ରହ ୧.୭ ଲକ୍ଷ କୋଟି ସ୍ତର ଟପିଲା

**ନୂଆଦିଲ୍ଲୀ,୩୧।୧(ଏଜେନ୍ସି):** ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ସଂଗ୍ରହରେ ନିରନ୍ତର ଅଭିବୃଦ୍ଧି ଦେଖିବାକୁ ମିଳୁଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ବୁଧବାର ପ୍ରକାଶିତ ତଥ୍ୟ ଅନୁଯାୟୀ ଜାନୁଆରୀରେ ମୋଟ ୧.୭୨ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି। ଗତ ବର୍ଷ ତୁଳନାରେ ଏଥିରେ ୧୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଘଟିଛି। କେବଳ ଏତିକି ନୁହେଁ, ଏହି ସଂଖ୍ୟା ଯେ କୌଣସି ମାସରେ ରେକର୍ଡ ହୋଇଥିବା ମୋଟ ଜିଏସଟି ସଂଗ୍ରହର ଦ୍ୱିତୀୟ ସର୍ବୋଚ୍ଚ ଆକଳନ ବୋଲି ଜଣାପଡିଛି।

ଏହା ସହିତ ଚଳିତ ଆର୍ଥିକବର୍ଷରେ ଏହା ହେଉଛି ତୃତୀୟ ଥର ଯେତେବେଳେ କି ଜିଏସଟି ସଂଗ୍ରହ ୧.୭ ଲକ୍ଷ କୋଟି ଟଙ୍କାର ସ୍ତର ଅତିକ୍ରମ କରିଛି। ଏପ୍ରିଲରୁ ଜାନୁଆରୀ ମଧ୍ୟରେ ୧୦ ମାସ ମଧ୍ୟରେ ଦେଶର ମୋଟ ଜିଏସଟି ସଂଗ୍ରହ ୧୬.୬୯ ଲକ୍ଷ କୋଟିରେ ପହଞ୍ଚିଛି ଏବଂ ଗତ ବର୍ଷ ତୁଳନାରେ ୧୧.୬ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏପ୍ରିଲ୍ ୨୦୨୩ ରୁ ଜାନୁୟାରୀ ୨୦୨୪ ପର୍ଯ୍ୟନ୍ତ ଦଶମାସ ମଧ୍ୟରେ ସମୁଦାୟ ମୋଟ ଜିଏସଟି ସଂଗ୍ରହ ୧୬.୬୯ ଲକ୍ଷ କୋଟି ସହିତ, ବାର୍ଷିକ ୧୧.୬ ପ୍ରତିଶତ ଅଭିବୃଦ୍ଧି ପାଇଥିବା ଜଣାପଡିଛି।




# ସିଏସ୍ ବି ନରସିହ୍ମା ଆଇସିଏସ୍‌ଆଇର ସଭାପତି

**ଭୁବନେଶ୍ୱର,୩୧।୧(ସମିସ):** ସିଏସ୍ ବି ନରସିହ୍ମା କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ)ର ନୂଆ ସଭାପତି ଏବଂ ସିଏସ୍ ଧନଞ୍ଜୟ ଶୁକ୍ଲା ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅର୍ଥନୀତିରେ ସ୍ନାତକୋତ୍ତର ଏବଂ ଆଇସିଏସ୍‌ଆଇର ଜଣେ ସକ୍ରିୟ ସଦସ୍ୟ ଭାବେ ଶ୍ରୀ ନରସିହ୍ମାଙ୍କର ଦୀର୍ଘ ୪ ଦଶନ୍ଧୀରୁ ଅଧିକ ସମୟ ହେବ ପୁଞ୍ଜି ବଜାରରେ ବ୍ୟାପକ ଅଭିଜ୍ଞତା ରହିଛି। ୨୦୨୩ରେ ସଂଗଠନର ଉଭସଭାପତି ରହିବା ରେ ସେ ୨୦୨୪ ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ ବାଣିଜ୍ୟ ଏବଂ ଆଇନରେ ସ୍ନାତକ କରିଥିବା ଶ୍ରୀ ଧନଞ୍ଜୟଙ୍କର କମ୍ପାନୀ, ପ୍ରତିଭୂତି ଏବଂ ଟିକସ ଆଇନ ଆଦିରେ ବୃହତ୍ ଅଭିଜ୍ଞତା ରହିଛି।


ସଭାପତି ସିଏସ୍ ବି ନରସିହ୍ମା


ଉପସଭାପତି ସିଏସ୍ ଧନଞ୍ଜୟ ଶୁକ୍ଲା

# ନୁଭୋକୋ ଭିସ୍ତାସ ପକ୍ଷରୁ ୩ୟ ତ୍ରୈମାସିକ ଫଳାଫଳ ଘୋଷଣା

**ଭୁବନେଶ୍ୱର,୩୧।୧(ସମିସ):** ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ ଗତ ଡିସେମ୍ବର ୩୧ ତାରିଖରେ ଶେଷ ହୋଇଥିବା ଚଳିତ ଆର୍ଥିକବର୍ଷର ୩ୟ ତ୍ରୈମାସର ଆର୍ଥିକ ଫଳାଫଳ ଘୋଷଣା କରିଛି। ୨୦୨୩-୨୪ର ୩ୟ ତ୍ରୈମାସରେ କମ୍ପାନୀର ମୋଟ ସିମେଣ୍ଟ ବିକ୍ରି ୪.୦୨ ଏମ୍‌ଏମ୍‌ଟି ରହିଥିବାବେଳେ ପରିଚାଳନାରୁ ମିଳିଥିବା ରାଜସ୍ୱ ୨୪୨୧ କୋଟି ଟଙ୍କା ରହିଛି। ସେହିପରି ଏହି ଅବଧିରେ ଏବିଟିଡା ବାର୍ଷିକ ଆଧାରରେ ୫୫% ବୃଦ୍ଧି ହୋଇ ୪୨୧ କୋଟି ଟଙ୍କା ରହିଛି। କମ୍ପାନୀ ଏହି ସମୟରେ ହରିୟାଣାରେ ୧.୨ ଏମ୍‌ଏମ୍‌ଟିପିଏ ସିମେଣ୍ଟ ମିଲ୍‌କୁ ସଫଳତାର ସହ କାର୍ଯ୍ୟକାରୀ କରିଛି ଯାହା ଏହାର ମୋଟ ସିମେଣ୍ଟ କ୍ଷମତାକୁ ୨୫ ଏମ୍‌ଟିପିଏରେ ପହଞ୍ଚାଇଛି। ସେହିପରି କମ୍ପାନୀ ପାଇଁ ପ୍ରିମିୟମ ପ୍ରଡକ୍ଟଗୁଡିକ ଏକ ପ୍ରମୁଖ କେନ୍ଦ୍ର ଭାବେ ବଜାୟ ରହିଛି ଏବଂ ଏହା ୩ୟ ତ୍ରୈମାସରେ କମ୍ପାନୀର ସିମେଣ୍ଟ କାରବାର ପରିମାଣରେ ୩୬% ଯୋଗଦାନ ଦେଇଛି। ଆହ୍ୱାନପୂର୍ଣ୍ଣ ଚାହିଦା ପରିବେଶ ସତ୍ତ୍ୱେ କମ୍ପାନୀ ଏବିଟିଡାରେ ମଜଭୁତ ଅଭିବୃଦ୍ଧି ପ୍ରଦାନ କରିବା ଜାରି ରଖିଛି। ଆମେ ଗତ ୧୦ଟି ତ୍ରୈମାସ ତୁଳନାରେ ସର୍ବୋଚ୍ଚ ଏବିଟଡା ହାସଲ କରିଛୁ ଯାହା ଆମର ପରିଚାଳନାଗତ ଉତ୍କର୍ଷତାର ଏକ ପ୍ରମାଣ ବୋଲି ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି।

### ଭୂ-ରାଜନୈତିକ ଏବଂ ଅର୍ଥନୈତିକ ଅନିଶ୍ଚିତତା

# ସୁନା ମୂଲ୍ୟ ବୃଦ୍ଧି ଯୋଗୁଁ ଚାହିଦା ୩% କମିଛି

**ଭୁବନେଶ୍ୱର,୩୧।୧(ସମିସ):** ବିଶ୍ୱ ସୁନା ପରିଷଦ ପକ୍ଷରୁ ପ୍ରକାଶ ପାଇଛି ସୁନା ଚାହିଦା ଟ୍ରେଣ୍ଡ ରିପୋର୍ଟ। ରିପୋର୍ଟ ଅନୁଯାୟୀ, ସୁନା ମୂଲ୍ୟ ବୃଦ୍ଧି ଯୋଗୁଁ ୨୦୨୩ରେ ଭାରତର ସୁନା ଚାହିଦା ୩% ହ୍ରାସ ପାଇ ୭୪୭.୫ ଟନ୍ ରେ ପହଞ୍ଚିଛି। ନବରାତ୍ରୀ ସମୟରେ ଅକ୍ଟୋବରର ମୂଲ୍ୟରେ ହ୍ରାସ ସଂଶୋଧନ ଗ୍ରାହକଙ୍କ ଉତ୍ସାହ ବୃଦ୍ଧି କରିଥିଲା ଏବଂ ନଭେମ୍ବରରେ ଦୀପାବଳି ବିକ୍ରିକୁ ବୃଦ୍ଧି କରିଥିଲା। ତେବେ ଡିସେମ୍ବରରେ ସୁନାଦରରେ ବୃଦ୍ଧି ଘଟିବାରୁ ଚାହିଦା ହ୍ରାସ ପାଇଥିଲା, ଯାହା ଫଳରେ ୨୦୨୨ର ଚତୁର୍ଥ ତ୍ରୟମାସ ତୁଳନାରେ ଚଳିତ ଚତୁର୍ଥ ତ୍ରୟମାସିକର ଗହଣା ଚାହିଦା ୯% ହ୍ରାସ ପାଇଛି। ଭାରତରେ ବାର୍ ଏବଂ ମୁଦ୍ରା ନିବେଶ ବାର୍ଷିକ ୭% ବୃଦ୍ଧି ପାଇ ୧୮୫ ଟନ୍‌ରେ ପହଞ୍ଚିଛି। ଚତୁର୍ଥ ତ୍ରୟମାସିକର ଚାହିଦା ୬୭ ଟନ ଛୁଇଁଛି, ଯାହାକି ୫ ବର୍ଷର ତ୍ରୈମାସିକ ହାରାହାରିଠାରୁ ୬୪% ଅଧିକ ବୋଲି ୱାଲର୍ଡ ଗୋଲ୍ଡ କାଉନସିଲର

**ବିଶ୍ୱ ସୁନା ପରିଷଦ ରିପୋର୍ଟ**

ଭାରତର ଆଞ୍ଚଳିକ ସିଇଓ ସୋମସୁନ୍ଦରମ୍ ପିଆର କହିଛନ୍ତି।

ସୁନା ମୂଲ୍ୟରେ ସଂଶୋଧନ ଫଳରେ ତୃତୀୟ ଏବଂ ଚତୁର୍ଥ ତ୍ରୟମାସରେ କିଛି ଦୃଢ଼ ପୁଞ୍ଜିନିବେଶ ହୋଇଥିଲା, ଯେଉଁଥିରେ ଭୌତିକ ସମର୍ଥିତ ଗୋଲ୍ଡ ଇଟିଏଫ ନିବେଶକଙ୍କ ଆଗ୍ରହ ବୃଦ୍ଧି ପାଇଥିଲା। ଯାହାକି ବର୍ଷ ଶେଷ ସୁଦ୍ଧା ଭାରତୀୟ ତାଲିକାଭୁକ୍ତ ଉତ୍ପାଦଗୁଡିକରେ ମୋଟ ଅଂଶଧନ ରେକର୍ଡ ୪୨ ଟନକୁ ବୃଦ୍ଧି କରିଥିଲା। କମ୍ ଏବଂ ସହାୟକ ଅଧିକ ମୂଲ୍ୟ ହେତୁ ପୁନଃଚକ୍ରଣ ୨୦% ଅଧିକ ଥିଲା କିନ୍ତୁ ୧୧୭ ଟନରେ, ମାନକ ଆଶାନୁରୂପ ସ୍ତର ଭାବରେ ବିବେଚନା କରାଯାଇପାରେ। ବାଣିଜ୍ୟ ଦ୍ୱାରା ଯଥେଷ୍ଟ ସାମଗ୍ରୀ ନିର୍ମାଣ ହେତୁ ୨୦୨୩ରେ ସମୁଦାୟ ସୁନା ଆମଦାନୀ ୨୦% ବୃଦ୍ଧି ପାଇ ୭୮୦.୭ ଟନରେ ପହଞ୍ଚିଛି। ୨୦୨୪କୁ ଦୃଷ୍ଟିରେ ରଖି ଭାରତର ସୁନା ଚାହିଦା ସକାରାତ୍ମକ ଅର୍ଥନୈତିକ ସ୍ଥିତିରୁ ଲାଭାନ୍ୱିତ ହେବା ଉଚିତ। ଲଗାତାର ଦର ବୃଦ୍ଧି, ଶୁଳ୍କ ବୃଦ୍ଧି, ଷ୍ଟକ ମାର୍କେଟର ପ୍ରଦର୍ଶନ,ନିକଟ ସ୍ଥାୟୀ ନିର୍ବାଚନ ଖର୍ଚ୍ଚ ପ୍ରଭାବ ଏବଂ ଉନ୍ନତ ମୂଲ୍ୟସ୍ତର ଗ୍ରହଣ ଯୋଗୁଁ ୨୦୧୯ ପରଠାରୁ ଚାହିଦାରେ ୭୦୦-୮୦୦ ଟନ ହ୍ରାସ ଘଟିବା, ନିକଟ ଭବିଷ୍ୟତରେ ଚାହିଦା ବୃଦ୍ଧିର ସମ୍ଭାବନାକୁ ସୂଚାଉଛି। ତେବେ ପୁଣି ଥରେ ତୀବ୍ର ଦରବୃଦ୍ଧି ଏବଂ ବୈଶ୍ୱିକ କାରଣରୁ ସୃଷ୍ଟି ଅସ୍ଥିରତା କାରଣରୁ ଉଚ୍ଚ ଚାହିଦାରେ କୌଣସି ସ୍ୱଳ୍ପକାଳୀନ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।



# କିଓରବେ ପକ୍ଷରୁ ସ୍ୱାସ୍ଥ୍ୟମିତ୍ର ସମାଗମନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୧।୧(ସମିସ):** ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କିଓରବେ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ପ୍ରେକ୍ଷାଳୟରେ ସ୍ୱାସ୍ଥ୍ୟମିତ୍ର ସମାଗମନ କାର୍ଯ୍ୟକ୍ରମର ଆୟୋଜନ କରି ଓଡ଼ିଶା ଏବଂ ଛତିଶଗଡ଼ର ୪୫୦ଜଣ ସ୍ୱାସ୍ଥ୍ୟମିତ୍ରଙ୍କ ଅସାଧାରଣ ଯୋଗଦାନକୁ ସ୍ୱୀକୃତି ଓ ସମ୍ମାନ ଜଣାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଗଣ ଏବଂ ଭୂମିକା ଦାଶ ଓ ସ୍ୱରାଜ ବାରିକଙ୍କ ପରି ଲୋକପ୍ରିୟ ଓଲିଉଡ୍ କଳାକାର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ। କିଓରବେର ଡିଜିଟାଲ ଫ୍ରାଞ୍ଚାଇଜ୍ ସ୍ୱାସ୍ଥ୍ୟମିତ୍ରଗଣ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟନ୍ତି ଯେଉଁମାନେ ସର୍ବୋଚ୍ଚ ଗୁଣବତ୍ତାର ଡାକ୍ତରି ଚିକିତ୍ସା ସେବା ପହଞ୍ଚାଇଥାନ୍ତି। ଏହି କାର୍ଯ୍ୟକ୍ରମ ସେହି ସ୍ୱାସ୍ଥ୍ୟସେବାକ୍ଷେତ୍ରର ନାୟକମାନଙ୍କ ପାଇଁ ମହୋତ୍ସବ ଥିଲା ଯେଉଁମାନେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ପାଇଁ କିଓରବେର ସମର୍ପିତ ପ୍ରୟାସର ପ୍ରତୀକ। ବିଭିନ୍ନ ଛୋଟ ସହରରୁ ଆସିଥିବା ପ୍ରଶିକ୍ଷଣ ଦ୍ୱାରା ସମ୍ପନ୍ନ ସ୍ୱାସ୍ଥ୍ୟମିତ୍ରମାନେ ଡାକ୍ତରୀ ଚିକିତ୍ସାର ଆବଶ୍ୟକତା ମେଣ୍ଟାଇବାରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶକର ଭୂମିକା ନିର୍ବାହ କରୁଛନ୍ତି। ସହାୟତାରୁ ଉର୍ଦ୍ଧ୍ୱରେ ସେମାନେ ସୁଲଭ ଡାକ୍ତରୀ ପରାମର୍ଶ, ଡାଏଗ୍ନୋଷ୍ଟିକ୍ସ ଏବଂ ଫାର୍ମାସୀ ସେବା ସୁନିଶ୍ଚିତ କରି ଉଭୟ ନିଜ ପାଇଁ ଏବଂ ନିଜ ଗୋଷ୍ଠୀ ପାଇଁ ସୁଯୋଗ ସୃଷ୍ଟି କରୁଥିବା କିଓରବେର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି।

# ହୋଣ୍ଡା କାର୍‌ସ ଆଣିଲା ଅଲ୍ଟ୍ରା ବଡି କୋଟିଂ

**ଭୁବନେଶ୍ୱର,୩୧।୧(ସମିସ):** ପ୍ରିମିୟମ୍ କାର ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ଏକ ଅଲ୍ଟ୍ରା ବଡି କୋଟିଂର ଉନ୍ମୋଚନ କରିଛି। ଏହି ଅଲ୍ଟ୍ରା ବଡି କୋଟିଂ ହେଉଛି ଏପରି ଏକ ହାଇପରଫମାନ୍ସ ଟ୍ରାନ୍ସପରେଣ୍ଟ ଲେୟାର ଯାହାକୁ ପରବର୍ତ୍ତୀ ପିଢ଼ିର ଉତ୍ପାଦ ସିଲାନେ କୁହାଯାଉଛି। ଏହା ହେଉଛି ସବୁଠାରୁ କଠିନତର ଗ୍ଲାସ-ଭିତ୍ତିକ କୋଟିଂ ଯାହା ଶିଳ୍ପର ମାନ ଅନୁଯାୟୀ ପ୍ରସ୍ତୁତ। ଏହି କୋଟିଂ କାରକୁ ଏକ ଅଲ୍ଟ୍ରା-ଗ୍ଲୋସି ,ଗ୍ଲାସ୍ ଭିତ୍ତିକ ଅତି ଚିକ୍କଣ ପୃଷ୍ଠଭୂମି ପ୍ରଦାନ କରିବ। ଆହୁରିମଧ୍ୟ ଏପରି କୋଟିଂ କାରକୁ ଧୂଳି,ଦୂଷିତ,ୟୁଭି ରେ' ଏବଂ ଏସିଡ୍ ବର୍ଷାଠାରୁ ସୁରକ୍ଷା ଯୋଗାଇବ। ଏ ସମ୍ପର୍କରେ ହୋଣ୍ଡା କାରର୍ସ ଇଣ୍ଡିଆ ଲିମିଟେଡର ଉପସଭାପତି (ମାର୍କେଟିଂ ଏବଂ ସେଲ୍ସ) କୁନାଲ ବେହଲ କହିଛନ୍ତି ଯେ, ହାଣ୍ଡାରେ ଆମେ ଆମର ଗ୍ରାହକଙ୍କୁ ଉପଯୁକ୍ତ ଉତ୍ପାଦ ଏବଂ ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଆମର ଗ୍ରାହକଙ୍କ ଲାଗି ଆମେ ଏହି ପ୍ରିମିୟମ୍ ବଡ଼ି କୋଟିଂ ଆଣିଛୁ।




### ବଜେଟ ପୂର୍ବରୁ ବଡ଼ ଘୋଷଣା

# ମୋବାଇଲ୍ ଫୋନ୍ ଯନ୍ତ୍ରାଂଶର ଆମଦାନୀ ଶୁଳ୍କ କମିଲା

**ନୂଆଦିଲ୍ଲୀ,୩୧।୧(ଏଜେନ୍ସି)**

> ୧୫ ପ୍ରତିଶତରୁ ୧୦%କୁ ହ୍ରାସ
>
> ଶସ୍ତା ହେବ ମୋବାଇଲ ଫୋନ୍

କେନ୍ଦ୍ର ବଜେଟ୍ ପୂର୍ବରୁ ସରକାର ବଡ଼ ଘୋଷଣା କରିଛନ୍ତି। ମୋବାଇଲ ଫୋନ ତିଆରି ପାଇଁ ଯେଉଁ ସବୁ ସାମଗ୍ରୀ ବ୍ୟବହାର ହେଉଛି ସେଗୁଡିକର ଆମଦାନୀ ଉପରେ ସରକାର ଆମଦାନୀ ଆଦାନୀ ଶୁଳ୍କ ହ୍ରାସ କରିଛନ୍ତି। ରିପୋର୍ଟ ଅନୁସାରେ ଏବେ ଏପରି ସାମଗ୍ରୀଗୁଡିକର ଆମଦାନୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗିବ। ପୂର୍ବରୁ ଏପରି ସାମଗ୍ରୀ ନିମନ୍ତେ ୧୫ ପ୍ରତିଶତ ଶୁଳ୍କ ଦେବାକୁ ପଡୁଥିଲା। ବର୍ତ୍ତମାନ ଏହି ଶୁଳ୍କକୁ ୩୩ ପ୍ରତିଶତରୁ ବି ଅଧିକ କାଟ୍ ହୋଇଛି। ସୀମା ଶୁଳ୍କରେ କେନ୍ଦ୍ର ସରକାର ୩ଟି ବର୍ଗରେ ବିଜ୍ଞପ୍ତି ମାଧ୍ୟମରେ ପରିବର୍ତ୍ତନ ଆଣିଛନ୍ତି। ଅବଶିଷ୍ଟ ବର୍ଗରେ/ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହାର ପାଇଁ ସାମଗ୍ରୀ ପାଇଁ ପ୍ରଯୁଜ୍ୟ ଉତ୍ପାଦ ଶୁଳ୍କ ୧୫%ରୁ ୧୦% କୁ ହ୍ରାସ କରାଯାଇଛି। ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହୃତ ଅନେକ ସାମଗ୍ରୀ ଯାହା ପୂର୍ବରୁ "ଅନ୍ୟାନ ସାମଗ୍ରୀ" ଭାବରେ ବିବେଚନା କରାଯାଉଥିଲା ଏବଂ ୧୫% କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଇଥିଲା ବର୍ତ୍ତମାନ ତାହା ଉପରେ ୧୦% ଶୁଳ୍କ ଲାଗୁ କରାଯିବ। ଉଦାହରଣଗୁଡିକ: ବ୍ୟାଟେରୀ କଭର, ଫ୍ରଣ୍ଟ କଭର, ମିଡିଲ୍ କଭର, ମୁଖ୍ୟ (ମେନ୍) ଲେନ୍ସ,, ବ୍ୟାକ୍ କଭର, ଜିଏସ୍‌ଏମ୍ ଆଣ୍ଟେନା, ପିୟୁ କେସ୍, ସିଲ୍ ଗ୍ୟାସ୍କେଟ୍, ସିମ୍ ସକେଟ୍, ସ୍କ୍ରୁ ଏବଂ , ପ୍ଲାଷ୍ଟିକ୍ ଓ ଧାତୁର ଅନ୍ୟାନ୍ୟ ଯାନ୍ତ୍ରିକ ସାମଗ୍ରୀ।

ଚଳିତମାସ ପ୍ରାରମ୍ଭରେ କେନ୍ଦ୍ର ସରକାର ପ୍ରିମିୟମ ମୋବାଇଲ ଫୋନ ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଥିବା ନେଇ ରିପୋର୍ଟମାନ ପ୍ରକାଶ ପାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ଆପଲ ଭଳି ଫୋନ ନିର୍ମାତାଙ୍କୁ ବିଶେଷ ଲାଭ ମିଳିବ ବୋଲି ଏବେ ଆକଳନ କରାଯାଉଛି। ଏହାଦ୍ୱାରା ରପ୍ତାନୀ ମଧ୍ୟ ଏବେ ବଢିବ। ରିପୋର୍ଟ ଅନୁସାରେ ମୋବାଇଲ ଶିଳ୍ପ ପାଖାପାଖି ୧୨ଟି ଯନ୍ତ୍ରାଂଶ ଉପରେ ଶୁଳ୍କ ହ୍ରାସ କରିବାକୁ ଦାବି କରୁଛି, ଯାହା ଦ୍ୱାରା ଭାରତରେ ସ୍ମାର୍ଟଫୋନ ନିର୍ମାଣର ବ୍ୟୟ ହ୍ରାସ ହୋଇପାରିବ।



ଏହାଛଡା ମୋବାଇଲ ଶିଳ୍ପର ଏହି ଦାବି ପଡୋଶୀ ଚୀନ୍ ଓ ଭିଏତ୍‌ନାମ କମ୍ପାନୀଙ୍କ ସହ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ସୃଷ୍ଟି କରିବ। ଏହା ପୂର୍ବରୁ ୨୦୨୩-୨୪ ଆର୍ଥିକବର୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଦେଶରେ ମୋବାଇଲ ଫୋନ ଉତ୍ପାଦନ ବୃଦ୍ଧି ନିମନ୍ତେ ମୋବାଇଲ କ୍ୟାମେରା ଫୋନର କେତେକ ଯନ୍ତ୍ରାଂଶ ଉପରେ ୨.୫ ପ୍ରତିଶତ ପର୍ଯ୍ୟନ୍ତ ସୀମା ଶୁଳ୍କ ହଟାଇ ଦେଇଥିଲେ।

ଶିଳ୍ପ ପାଇଁ କଷ୍ଟମ୍ ଶୁଳ୍କ ହ୍ରାସ କରିବାକୁ ସରକାରଙ୍କ ପଦକ୍ଷେପକୁ ମୋବାଇଲ୍ ଇଣ୍ଡଷ୍ଟ୍ରି ସ୍ୱାଗତ କରିଛି। ରପ୍ତାନି-ନେତୃତ୍ୱ ଅଭିବୃଦ୍ଧି, ନୀତିର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଉତ୍ପାଦନରେ ପ୍ରତିଦ୍ୱନ୍ଦ୍ୱିତାକୁ ସମାଧାନ କରିବା କ୍ଷେତ୍ରରେ ଏହି ସଂଶୋଧନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ନୀତି ପରିବର୍ତ୍ତନ ଯାହା ଭାରତରେ ମୋବାଇଲ୍ ଫୋନ୍ ଉତ୍ପାଦନ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଇଣ୍ଡିଆ ସେଲୁଲାର୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍ (ଆଇସିଇଏ) ର ଅଧ୍ୟକ୍ଷ ପଙ୍କଜ ମୋହିନ୍ଦ୍ରୋ କହିଛନ୍ତି ଯେ, ଭାରତରେ ମୋବାଇଲ୍ ଉତ୍ପାଦନ ଓ ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବା ଦିଗରେ ସରକାରଙ୍କ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ ନୀତି ହସ୍ତକ୍ଷେପ। ମୋବାଇଲ୍ ଫୋନ୍ ଇଣ୍ଡଷ୍ଟ୍ରି ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅର୍ଥ ମନ୍ତ୍ରଣାଳୟ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ କୃତଜ୍ଞତା ଜଣାଉଛି।

# ଟାଟା ପାୱାର ଡିସ୍‌କମ୍‌କୁ ଉଚ୍ଚତର ଗ୍ରାହକ ସେବା ରେଟିଂ

**ଭୁବନେଶ୍ୱର,୩୧।୧(ସମିସ):** ସାରା ଦେଶରେ ୧୩ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଟାଟା ପାୱାରର ୬ଟି ଡିସ୍‌କମ୍ ଦେଶର ଶ୍ରେଷ୍ଠ ମାନର ଡିସ୍‌କମ୍‌ଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି। ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଡିସ୍‌କମ୍‌ଗୁଡ଼ିକର ଗ୍ରାହକ ସେବା ରେଟିଂ (ସିଏସ୍‌ଆର୍‌ଡି) ରିପୋର୍ଟରେ କମ୍ପାନୀର ଦିଲ୍ଲୀ ଓ ଓଡ଼ିଶାର ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକ ଉଚ୍ଚ ରେଟିଂ ହାସଲ କରିଛନ୍ତି। ଏହି ରିପୋର୍ଟରେ ସାରା ଦେଶରେ ଗ୍ରାହକ ସେବାର ସାମ୍ପ୍ରତିକ ସ୍ଥିତିକୁ ଉପସ୍ଥାପନ କରାଯାଇଛି। ୨୦୨୪ ଜାନୁଆରି ୧୮ ଓ ୧୯ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଦ୍ୟୁତ କ୍ଷେତ୍ରର ସମୀକ୍ଷା, ଯୋଜନା ଓ ନିରୀକ୍ଷଣ (ଅରପିଏମ) ବୈଠକ ଅବସରରେ ମାନ୍ୟବର କେନ୍ଦ୍ର ଶକ୍ତି ଓ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଆର୍ କେ ସିଂହ ସିଏସ୍‌ଆର୍‌ଡି ରିପୋର୍ଟର ତୃତୀୟ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ରେଟିଂ ଅନୁସାରେ ସାରା ଦେଶର ୬ଟି ଡିସ୍କମ୍ ମଧ୍ୟରୁ ଟାଟା ପାୱାର ଓ ଦିଲ୍ଲୀ ସରକାରଙ୍କ ମଧ୍ୟରେ ଯୌଥ ଉଦ୍ୟୋଗରେ ସ୍ଥାପିତ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡିଡିଏଲ୍) ସର୍ବୋଚ୍ଚ ଏ+ ରେଟିଂ ହାସଲ କରି ଶ୍ରେଷ୍ଠ ଡିସକମ୍‌ଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି।

# ସିଏଟ୍‌ର ନୂଆ ଟାୟାର ଉନ୍ମୋଚିତ

**ଭୁବନେଶ୍ୱର,୩୧।୧(ସମିସ):** ଏକ ଅଗ୍ରଣୀ ଟାୟାର ନିର୍ମାତା ସିଏଟ୍ ଏହାର ଦୁଇ ଚକିଆ ଟାୟାର ରେଞ୍ଜର ପ୍ରଦର୍ଶନକୁ ଏକ ଉଚ୍ଚ ସ୍ତରକୁ ନେଇଛି ଯେଉଁଥିରେ ଷ୍ଟିଲ ରେଡିଆଲ ଟାୟାରର ନୂଆ ବର୍ଗ ସ୍ପୋର୍ଟରାଡ୍ ଏବଂ କ୍ରସରାଡକୁ ଉନ୍ମୋଚନ କରାଯାଇଛି। ଉଚ୍ଚ ପ୍ରଦର୍ଶନକାରୀ ମୋଟରସାଇକେଲର ସମ୍ପୂର୍ଣ୍ଣ ସମ୍ଭାବନାକୁ ଜାଗ୍ରତ କରିବା ପାଇଁ ଷ୍ଟିଲ୍ ରେଡିଆଲ ଟାୟାରର ଏହି ପ୍ରିମିୟମ ରେଞ୍ଜକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ସ୍ପୋର୍ଟରାଡ୍ ସିରିଜ୍ ହାଇସ୍ପିଡ୍ ଏବଂ କର୍ଣ୍ଣରିଂ ପାଇଁ ଡିଜାଇନ୍ କରାଯାଇଥିବା ବେଳେ କ୍ରସ୍‌ରାଡ୍ ହେଉଛି ଏକ ବିବିଧ ସଡ଼କ ପାଇ: ହାଇ ଗ୍ରିପ୍ ଟାୟାର। ଷ୍ଟିଲ୍ ରାଡ୍ ଟାୟାରରେ ଏକ ଷ୍ଟିଲ୍ ବେଲ୍ଟେଡ୍ ରାଡିଆଲ୍ ନିର୍ମାଣ ରହିଛି ଯାହା ଦ୍ରୁତ ବେଗରେ ଉନ୍ନତ ପରିଚାଳନା ଦକ୍ଷତା ପ୍ରଦାନ କରୁଛି। ସ୍ପୋର୍ଟରାଡ୍ ପ୍ଲାଟଫର୍ମରେ କର୍ଣ୍ଣରିଂ ସ୍ଥିରତା ପାଇଁ ସମାନଦୂରତା ମିଡ୍କ୍ରାଉନ୍ ଗ୍ରୋଭ୍ ରହିଛି ଏବଂ କଠିନତାରେ ସନ୍ତୁଳନ ପାଇଁ ସେଥିରେ ସିଲିକା ମିଶ୍ରିତ ଟ୍ରେଡ୍ ରହିଛି। ଏହି ଟାୟାର ଆଶାଠାରୁ ଅଧିକ ସ୍ପୋର୍ଟି ପ୍ରଦର୍ଶନ ପ୍ରଦାନ କରୁଛି।

# ବିଭିନ୍ନ ପଞ୍ଚାୟତରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

## କନ୍ଦରପୁର ଓ ଆୟତପୁର



**କଟକ,୩୧।୧(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର କଲେଜ ପଡିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଭିକାରୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ସଦର ବ୍ଲକ ଅତିରିକ୍ତ ବିଡ଼ିଓ ଝାଡେଶ୍ୱର ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ କନ୍ଦରପୁର ସରପଞ୍ଚ ସୁଭାଶିନୀ ରାଉତ, ସମିତିସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ଗତିରାଉତପାଟଣା ସମବାୟ ସମିତିର ସଭାପତି ସମର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ପଞ୍ଚାୟତ ନୋଡାଲ ଅଧିକାରୀ ସୁନୀତା ମହାନ୍ତି, ଡାକ୍ତର ଶୁଭାଶିଷ ଶତପଥୀ, ଉଦ୍ୟାନ କୃଷି ବିଭାଗର କନିଷ୍ଠ ଯନ୍ତ୍ରୀ ଦେବୀ ପ୍ରସାଦ ରାଉତ ଉପସ୍ଥିତ ଥିଲେ। ଶିବିରକୁ କନ୍ଦରପୁର କୃଷକ ସେବା ସମବାୟ ସମିତିର ସଭାପତି ରାଜୀବ ବେଉରା, ସରପଞ୍ଚ ପ୍ରତିନିଧି ବିଘ୍ନେଶ୍ୱର ରାଉତ, ପ୍ରମୋଦ ରାଉତ, ପ୍ରଫୁଲ୍ଲ ଭୋଇ, କାଳନ୍ଦୀ ଚରଣ ସ୍ୱାଇଁ, ଅକ୍ଷୟ ଜେନା, ନିରଞ୍ଜନ ବେହେରା, ପ୍ରଭାକର ବେହେରା, ହୃଦାନନ୍ଦ ଆଚାର୍ଯ୍ୟ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆୟତପୁର ପଞ୍ଚାୟତରେ ଆୟତପୁର ଖେଳପଡିଆ ଠାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାକେଶ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସଦର ବ୍ଲକ, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ଆରଡବ୍ଲ୍ୟୁଏସଏସ ଅଧିକାରୀମାନେ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଆଲା ଅଧ୍ୟକ୍ଷ ରଜନୀକାନ୍ତ ସାହୁ, ସମିତିସଭ୍ୟା ମିନାକ୍ଷୀ ମଲ୍ଲିକ, ପଞ୍ଚାୟତ ବିଜେଡି ସଭାପତି ରତିକାନ୍ତ ଜେନା, ନୋଡାଲ ଅଧିକାରୀ ପାର୍ଥସାରଥୀ ଦାସ, ସ୍ୱାସ୍ଥ୍ୟ କର୍ମୀ ସସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ଶିବିରରେ ବହୁ ମାତ୍ରାରେ ଜନସାଧାରଣ ଯୋଗଦେଇଥିଲେ।

## ଶାଳଗାଁ ପଞ୍ଚାୟତ



**ଟାଙ୍ଗୀ :** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ସଂକ୍ରାନ୍ତରେ ସଚେତନତା ସୃଷ୍ଟି ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଶାଳଗାଁ ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଉମେଶ ସ୍ୱାଇଁଙ୍କ ପୌରହିତ୍ୟରେ ତଥା ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଶିବିରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଂଗଠକ ଜନ୍ମେଜୟ ଖିଲାର, ଗୋବିନ୍ଦ ଦାସ, ଦେବେନ୍ଦ୍ର ଜେଠୀ, ବଲ୍ଲଭ ସ୍ୱାଇଁ ଓ ଗୋପାଳ ଲେଙ୍କା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ସରକାରୀ ଯୋଜନା ସଂକ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଞ୍ଚାୟତ ସକ୍ରିୟ ସଭ୍ୟ ପ୍ରମୋଦ ଜଟ ଓ ଛବିନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ତରତଶାସନ ପଞ୍ଚାୟତ



**ନିଶ୍ଚିନ୍ତକୋଇଲି :** ତରତଶାସନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ସରପଞ୍ଚ ମୀନତୀ ସ୍ୱାଇଁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମେ ଏଲଇଡ଼ି ରଥ ଦ୍ୱାରା ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତରେ ଗାଁ ଗାଁ ବୁଲି ଭିଡ଼ିଓ ମାଧ୍ୟମରେ ଜନ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଅଧ୍ୟକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ମିଶ୍ର, ପ୍ରମୋଦ ପରିଡ଼ା, ଜୋନ୍ ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ସମିତିସଭ୍ୟା ଟିକି ପଣ୍ଡା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ମାହାଙ୍ଗା ବ୍ଲକ

**ମାହାଙ୍ଗା :** ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରେ 'ଆମ ଓଡିଶା ଓ ନବୀନ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଶ୍ରୀ ଜେନା




ଭେଡା ପଞ୍ଚାୟତ ଗସ୍ତ କରି ଖସା ପଡିଆଠାରେ ଆମ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ଆନନ୍ଦପୁର ପଞ୍ଚାୟତ ଗସ୍ତ କରି ଖର୍ଡାଙ୍ଗ ଖେଳପଡିଆରେ 'ଆମ ଓଡିଶା ଓ ନବୀନ ଓଡିଶା' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଜଳେଶ୍ୱରପୁର ପଞ୍ଚାୟତ ଗସ୍ତ କରି ଗୋବରୀ କୂଳ ପଡିଆରେ ଆମ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟ୍ୟକ୍ରମରେ ଯୋଗଦେଇ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଜନସାଧାରଣମାନଙ୍କୁ ଅବଗତ କରିବା ସହ ସରକାରଙ୍କ ସମସ୍ତ ଯୋଜନା ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚିପାରିବ ସେ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ବିଡିଓ ଅମୀୟ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଆନନ୍ଦପୁର ସରପଞ୍ଚ ରେଣୁବାଳା ଭୂୟାଁ, ସମିତିସଭ୍ୟା ଭବାନୀ ଶଙ୍କରୀ ବେହେରା, ମନୋଜ ସାହୁ, ନୁର୍ତାଙ୍ଗ ସରପଞ୍ଚ ପବିତ୍ର ମୋହନ ବରାଳ, ଜଳେଶ୍ୱରପୁର ସରପଞ୍ଚ ସୁଜାତା ମଲିକ, ସମିତିସଭ୍ୟା ରେବତୀ ସେଠୀ, ସୁବାଷ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଭେଡା ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ସିଂହ, ସଂଗ୍ରାମ ସିଂହ, ସୁକାନ୍ତ ରାଉତ, ପ୍ରସନ୍ନ ସାମଲ, ଭ୍ରମରବର ମହାନ୍ତି, ଦିଲୀପ ନାୟକ, ବିକ୍ରମ ସିଂହ, ଦେବାଶିଷ ସିଂହ, ରମେଶ ଜେନା, ମୃତ୍ୟୁଞ୍ଜୟ ବରାଳ, ଗୌରାଙ୍ଗ ବେହୁରା, ଫେଡେରେସନ ସଭାପତି ଦମୟନ୍ତୀ ମହାପାତ୍ର, ମନ୍ଦାକିନୀ ସ୍ୱାଇଁ, ସସ୍ମିତା ମହାନ୍ତି, ମମତା ରାଉତଙ୍କ ସମେତ ହଜାର ହଜାର ଜନସାଧାରଣ ଓ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଚନ୍ଦ୍ରାଦେଇପୁର ପଞ୍ଚାୟତ

**ସାଲେପୁର :** ଚନ୍ଦ୍ରାଦେଇପୁର ପଞ୍ଚାୟତର ମଧୁ ମଣ୍ଡପଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମାପିକା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟା ନିମିତା ସେଠୀ, ରଞ୍ଜିତା ସେଠୀ, ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସମିତିସଭ୍ୟା ପୁଷ୍ପିତା ଭୂୟାଁ, ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ, କେନ୍ଦ୍ରାପଡ଼ା



ସାଂସଦ ପ୍ରତିନିଧି ଗୁଲରେଜ ଅଲ୍ଲୀ, ବିଜେଡି ନେତା ନବକିଶୋର କର, ବିରଞ୍ଚିନାରାୟଣ କର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅନିଲ ଦାସ, ଅଶ୍ୱିନୀ ଭୂୟାଁ, ସୌମ୍ୟରଞ୍ଜନ ମଲ୍ଲ, କମଳାକାନ୍ତ ସେଠୀ, ପଞ୍ଚାୟତ ମିଶନ୍ ଶକ୍ତି ସଭାନେତ୍ରୀ ପୁଷ୍ପଲତା କର, ସମ୍ପାଦିକା ସଂଯୁକ୍ତା ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମିଶନ୍ ଶକ୍ତି ମହିଳା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ଧରିଣା ପଞ୍ଚାୟତ

**କିଶନନଗର :** ରାଜ୍ୟ ସରକାରଙ୍କ ବିକାଶର ଚିତ୍ର ଓ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ପକ୍ଷରୁ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବିଜେଡି ଯୁବ କର୍ମୀ ସରୋଜ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ବିଭୁତିଭୂଷଣ ପରିଡା, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସମିତିର ସଭାପତି ସମର ବେହେରା, ଡ. ସୁବାଶିଷ ଶତପଥି, ସମିତିସଭ୍ୟା ପ୍ରତିନିଧି ତ୍ରିନାଥ ଦାଶ, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ମିଶନଶକ୍ତି ସଂଯୋଜକ ଶରତ ରାୟ, ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ଝାଡେଶ୍ୱର ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଞ୍ଚାୟତର ବିଭିନ୍ନ ବିକାଶ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ସରପଞ୍ଚ ରତ୍ନାକର ରାଉତ ବିବରଣୀ ପାଠ ସହିତ ଧନ୍ୟବାଦ ଦେଇଥିଲେ।



## ତରିତୋ, ରଟିଲୋ ଓ ପୁରୁଣାହାଟ ପଞ୍ଚାୟତ

**ସାଲେପୁର :** ଦ୍ୱୀପାଞ୍ଚଳର ୩ଟି ପଞ୍ଚାୟତରେ ଆଜି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ୍ ଅନ୍ତର୍ଗତ ଦ୍ୱୀପାଞ୍ଚଳର ତରିତୋ, ରଟିଲୋ, ପୁରୁଣାହାଟ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ନବୀନ ସରକାର ସବୁବେଳେ ସବୁ ସମୟରେ ଲୋକମାନଙ୍କ ପାଇଁ କାର୍ଯ୍ୟ କରୁଛି। ଏହି ଅବସରରେ ଆଜି ପୁରୁଣାହାଟ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଶୋକ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ରଶ୍ମିରଞ୍ଜନ ସ୍ୱାଇଁ, ଆମ୍ବାର ସଭାପତି ଦିଲ୍ଲୀପ ଦାଶ, କଳମିଶ୍ରୀ ସରପଞ୍ଚ ଅନନ୍ତ କୁମାର କର, ପଞ୍ଚାୟତ ମିଶନ୍ ଶକ୍ତି ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ ଯୋଗଦେଇଥିବାବେଳେ ଯୁବନେତା ଚିତ୍ତରଞ୍ଜନ ପୁହାଣ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ରଟିଲୋ ପଞ୍ଚାୟତରେ ପୂର୍ବତନ ସରପଞ୍ଚ କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବେହେରା, ଆମ୍ବା ସଭାପତି ଦିଲ୍ଲୀପ ଦାଶ, ତୃପ୍ତିରେଖା ପରିଡ଼ା, ସରପଞ୍ଚ ମନମୋହନ




ସ୍ୱାଇଁ, ସମିତିସଭ୍ୟା ଗୀତାରାଣୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅରବିନ୍ଦ ନାୟକ, ସ୍ମରଣଜିତ୍ ପତି, ସଂଗ୍ରାମ କେଶରୀ ଦାସ, ଲୋଲୁପ ସ୍ୱାଇଁ, ସୁଶାନ୍ତ ସ୍ୱାଇଁ, କବି ବର୍ଦ୍ଧନ, ରଞ୍ଜନ ଲେଙ୍କା, ପଞ୍ଚାୟତ ସଭାପତି ସୁଦର୍ଶନ ପ୍ରଧାନ, ପୂର୍ବତନ ସରପଞ୍ଚ ତ୍ରୈଲୋକ୍ୟନାଥ ପଣ୍ଡା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ତରିତୋ ପଞ୍ଚାତରେ ପୂର୍ବତନ ସରପଞ୍ଚ କୈଳାସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା, ସରପଞ୍ଚ ଜିନ୍ ସେଠୀ, ନାଦୋଳ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ମଧ୍ୟକଚ୍ଛ ସରପଞ୍ଚ ସଂଜୟ ବେହୁରା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ମୁନା ପରିଡ଼ା, ପ୍ରଭାକର ସୂତାର, ଗଗନ ମହାପାତ୍ର, ବିଶ୍ୱଭୂଷଣ ମହାନ୍ତି, ସୁବ୍ରତ ପୁହାଣ, ନିଲୁ ପରିଡ଼ା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦ୍ୱୀପାଞ୍ଚଳରେ ଅନୁଷ୍ଠିତ ହୋଇଥିବା ୩ଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ଦ୍ୱୀପାଞ୍ଚଳର ଯୁବନେତା ଚିତ୍ତରଞ୍ଜନ ପୁହାଣ ପରିଚାଳନା କରିଥିଲେ।

## ହଟ୍ଟଗୋଳରେ ସରିଲା ପୌର ପରିଷଦ ବୈଠକ

**ଚୌଦ୍ୱାର,୩୧।୧(ସମିସ):** ଚୌଦ୍ୱାର ପୌରପରିଷଦ ବୈଠକ ପୌରସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭରେ ବିଭିନ୍ନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ବିଳମ୍ବକୁ ନେଇ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବିଭିନ୍ନ ୱାର୍ଡରେ ହେବାକୁ ଥିବା ଉନ୍ନୟନ କାର୍ଯ୍ୟକୁ ଟେଣ୍ଡର ଏଯାବତ୍ କାହିଁକି ଡକାଯାଇନାହିଁ ବୋଲି ୧୦ନଂ ୱାର୍ଡ କାଉନସିଲର ଅଧ୍ୟକ୍ଷାଙ୍କୁ ପ୍ରଶ୍ନ କରିଥିଲେ। ଉପସ୍ଥିତ ପ୍ରାୟ ସମସ୍ତ ପାରିଷଦ ଏଥିରେ ଏକମତ ହୋଇ ହୋହାଲ୍ଲା କରିଥିଲେ। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୂର୍ବରୁ ନିର୍ମାଣ କରାଯାଇଥିବା ଏକାମାତ୍ର ପୌର ପାଠାଗାର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାରୁ ପୌରପାଳିକା ତରଫରୁ ଏହାର ନବୀକରଣ ସହିତ ତୁରନ୍ତ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସରକାରଙ୍କ ଦ୍ୱାରା ପ୍ରଚଳିତ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରିତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରା, ସଞ୍ଜୟ ସାମଲ, ପୂର୍ଣ୍ଣଚନ୍ଦ୍ର ପାଣି, ମହାଦେବ ଜେନାଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ।

## ଅସୁରେଶ୍ୱର ପଞ୍ଚାୟତ

**ନିଶ୍ଚିନ୍ତକୋଇଲି :** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକରେ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ଅସୁରେଶ୍ୱର ପଞ୍ଚାୟତରେ ଉଦଘାଟିତ ହୋଇଛି। ସରପଞ୍ଚ ଗୌତମୀ ଦାସଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମେ ଏଲଇଡି ରଥ ଦ୍ୱାରା ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତରେ ଗାଁ ଗାଁ ବୁଲି ଭିଡ଼ିଓ ମାଧ୍ୟମରେ ଜନ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଅଧ୍ୟକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ, ସମାଜସେବୀ ଅନନ୍ତ ଦାସ, ଜୋନ୍ ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ସମିତିସଭ୍ୟା ହିମାଦ୍ରି ମିଶ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ସଶକ୍ତ ଓଡ଼ିଶା କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଲୋକମାନଙ୍କୁ ସଚେତନ କରାଇଥିଲେ।




## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ

**ମାହାଙ୍ଗା,୩୧।୧(ସମିସ):** ମାହାଙ୍ଗା ବ୍ଲକ ଭେଡା ଓ ଆନନ୍ଦପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏକ ବିରାଟ ପଟୁଆରରେ ଭେଡା ପଞ୍ଚାୟତ ଗସ୍ତ କରି ମହିଳା ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଆନନ୍ଦପୁର ପଞ୍ଚାୟତ ଗସ୍ତ କରି ମହିଳା ମିଶନ ଶକ୍ତି ଗୃହ, ଇଛାବଟ ସାଂସ୍କୃତିକ କ୍ଲବକୁ ଉଦ୍‌ଘାଟନ କରବା ସହ ନୁର୍ତାଙ୍ଗ -ଧର୍ମାଗତପୁର ରାସ୍ତାରେ ସୁକୁନଈ ଏବଂ ପଟାମୁଣ୍ଡାଇ ମୁଖ୍ୟ କେନାଲ ଉପରେ ନୂତନ ସେତୁ ଓ ନୁର୍ତାଙ୍ଗ ଠାରୁ ଯଁକୋଟୀ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଶ୍ରୀ ଜେନା ଏକ ସଭାରେ



ଯୋଗଦେଇ ନବୀନ ସରକାରଙ୍କ ସମୟରେ ମାହାଙ୍ଗା ବ୍ଲକରେ ବହୁ ଜନହିତକର କାର୍ଯ୍ୟ ହେବା ସହ ମାହାଙ୍ଗା ଏକ ବିକାଶଶୀଳ ବ୍ଲକ ହୋଇପାରିଛି ବୋଲି କହିଥିଲେ। ପଞ୍ଚାୟତରେ ବିକାଶ କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ବିଡିଓ ଅମୀୟ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ଆନନ୍ଦପୁର ସରପଞ୍ଚ ରେଣୁବାଳା ଭୂୟାଁ, ସମିତିସଭ୍ୟା ଭବାନୀ ଶଙ୍କରୀ ବେହେରା, କିଶୋର ରାଉତଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଟକ ଜିଲ୍ଲାସ୍ତରୀୟ ରେଡକ୍ରସ୍ କ୍ୟାମ୍ପ ଉଦ୍‌ଯାପିତ

**ବାରଙ୍ଗ,୩୧।୧(ସମିସ):** ନରାଜସ୍ଥିତ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ପରିସରରେ ଦୁଇଦିନ ବ୍ୟାପି କଟକ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ଜୁନିୟର ରେଡକ୍ରସ୍‌ର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଜିଲ୍ଲା ରେଡକ୍ରସ୍ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ବ୍ଲକ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା, ବାରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ନରାଜ ମାର୍ଥାପୁର ଗ୍ରାମପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ସାହୁ, ଜିଲ୍ଲା ଶାରିରୀକ




ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ ନନ୍ଦ, ପୂର୍ବତନ ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ମିହିର ପରିଡ଼ା, ଅକ୍ଷୟ ଷଡଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତ୍ୟବ୍ରତ ସାହୁ, ପୂରାତନ ଛାତ୍ର ସଂସଦର ସଭାପତି ବିରଞ୍ଚି ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଡା. ଦେବାଶିଷ ଜେଠୀ ରେଡକ୍ରସ୍ ପତାକା ଉତ୍ତୋଳନ କରିବା ପରେ ରକ୍ତଦାନ ଓ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଜିଲ୍ଲା ରେଡକ୍ରସ ଅଧିକାରୀ ପାର୍ଥସାରଥୀ ମଲ୍ଲିକ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସଂପାଦକ ପରେଶ୍ କୁମାର ମଲ୍ଲ, ଦେବ ପ୍ରସାଦ ତ୍ରିପାଠୀ ଓ ହିରଣ୍ମୟୀ ସାମଲଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱପ୍ନାଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

